ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.23 . No.21, Bhubaneswar Wednesday, February 26, 2020 | ୨୩ତମ ବର୍ଷ ସଂଖ୍ୟା-୨୧ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୬, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ମାର୍ଚ୍ଚ ୨୬ରେ ରାଜ୍ୟସଭା ନିର୍ବାଚନ

### - ଓଡିଶାର ଚାରୋଟି ସମେତ ଦେଶର ୫୫ଟି ରାଜ୍ୟସଭା ଆସନ ପାଇଁ - ମାର୍ଚ୍ଚ ୬ ରେ ପ୍ରକାଶିତ ହେବ ବିଜ୍ଞପ୍ତି

ଭୁବନେଶ୍ୱର, ୨୫।୨(ପି.ଏନ): ଆସନ୍ତା ମାର୍ଚ୍ଚ ୨୬ରେ ରାଜ୍ୟସଭାର ୫୫ଟି ଆସନ ପାଇଁ ହେବ ନିର୍ବାଚନ ଅନୁଷ୍ଠିତ ହେବ। ମଙ୍ଗଳବାର ଦିନ ଭାରତୀୟ ନିର୍ବାଚନ କମିଶନ ଏ ସମ୍ପର୍କରେ ତାରିଖ ଘୋଷଣା କରିଛନ୍ତି। ଏହି ୫୫ଟି ରାଜ୍ୟସଭା ଆସନ ମଧ୍ୟରୁ ଚାରୋଟି ଆସନ ଓଡିଶାର ରହିଛି ।ଏପ୍ରିଲ ୦୨, ୨୦୨୦ରେ ମହାରାଷ୍ଟ୍ରର-୭, ଓଡିଶାର-୪, ତାମିଲନାଡୁର-୬, ପଶ୍ଚିମବଙ୍ଗର-୫ ରାଜ୍ୟସଭା ସାଂସଦ ଅବସର ଗ୍ରହଣ କରିବେ । ସେହିପରି ୦୯.୦୪.୨୦୨୦ରେ ଆନ୍ଧ୍ରପ୍ରଦେଶର-୪, ତେଲଙ୍ଗାନାର-୨, ଆସାମର-୩, ବିହାରର-୫, ଛତିଶଗଡର-୨, ଗୁଜରାଟର-୪, ହରିୟାଣାର-୨, ହିମାଚଳପ୍ରଦେଶର-୧, ଝାଡଖଣ୍ଡର-୨, ମଧ୍ୟପ୍ରଦେଶର-୩, ମଣିପୁରର-୧, ରାଜସ୍ଥାନର-୩ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ ଶେଷ ହେବ । ସେହିପରି ୧୨.୦୪.୨୦୨୦ରେ ମେଘାଳୟର ଜଣେ ରାଜ୍ୟସଭା ସାଂସଦ ଅବସର ଗ୍ରହଣ କରିବେ । ଭାରତର ନିର୍ବାଚନ ଆୟୋଗ ନିଷ୍ପତି ନେଇଛନ୍ତି ଯେ, ଖାଲି ହେଉଥିବା ଉପରୋକ୍ତ ରାଜ୍ୟସଭା ପଦବୀ ଲାଗି ନିର୍ବାଚନ ଅନୁଷ୍ଠିତ ହେବ । ଏହି ନିର୍ବାଚନ ଲାଗି ତାରିଖ ଘୋଷଣା କରାଯାଇଛି । ମାର୍ଚ୍ଚ ୦୬, ୨୦୨୦ରେ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବ । ମାର୍ଚ୍ଚ ୧୩, ୨୦୨୦ରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ହୋଇଥିବା ବେଳେ ମାର୍ଚ୍ଚ ୧୬, ୨୦୨୦ରେ ନାମାଙ୍କନପତ୍ର ଯାଂଚ କରାଯିବ । ସେହିପରି ମାର୍ଚ୍ଚ ୧୮, ୨୦୨୦ରେ ନାମାଙ୍କନପତ୍ର ପ୍ରତ୍ୟାହରର ଶେଷ ତାରିଖ ହୋଇଥିବା ବେଳେ ମାର୍ଚ୍ଚ ୨୬, ୨୦୨୦ରେ ନିର୍ବାଚନ ଅନୁଷ୍ଠିତ ହେବ । ପୂର୍ବାହ୍ନ ୯ଟା ରୁ ଅପରାହ୍ଣ ୪ ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ । ଅପରାହ୍ଣ ୫ଟାରେ ଭୋଟ ଗଣତି ହେବ । ମାର୍ଚ୍ଚ ୩୦, ୨୦୨୦ ସୁଦ୍ଧା ନିର୍ବାଚନ ସଂକ୍ରାନ୍ତ ସମସ୍ତ ପ୍ରକ୍ରିୟା ଶେଷ ହେବ ।ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ବାଇଗଣୀ ରଙ୍ଗର ସ୍କେଚ୍ ପେନ୍‌ରେ ଚିହ୍ନିତ କରାଯାଇ ବାଲଟ ପେପରରେ ଭୋଟ ଗ୍ରହଣ ହେବ । ବାଲଟ ପେପରରେ ଅନ୍ୟ କୌଣସି କଲମ ବ୍ୟବହୃତ ହୋଇପାରିବ ନାହିଁ । ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ଲାଗି ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତି ଦିଆଯିବ । ସେମାନେ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ଅନୁଧ୍ୟାନ କରିବେ । ସୂଚନାଯୋଗ୍ୟ, ଲୋକସଭା ସାଂସଦ ହେବା ପରେ ଅନୁଭବ ମହାନ୍ତିଙ୍କ ରାଜ୍ୟସଭା ଆସନ ଖାଲିପଡ଼ିଛି । ସେହିପରି ବିଜେଡି ନେତା ନରେନ୍ଦ୍ର କୁମାର ସ୍ୱାଇଁ , ସରୋଜିନୀ ହେମ୍ବ୍ରମ୍ ଏବଂ କଂଗ୍ରେସ ନେତା ରଞ୍ଜୀବ ବିଶ୍ୱାଳଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଓଡ଼ିଶାର ୪ଟି ଆସନ ପାଇଁ ଏହି ନିର୍ବାଚନ ହେବ।

### କେନ୍ଦୁଝର : ଭିଜିଲାନ୍ସ ହାତରେ ଧରା ପଡିଲେ ଏଆରଆଇ

କେନ୍ଦୁଝର, ୨୫।୨(ପି.ଏନ): ଜଣେ ହିତାଧିକାରୀଙ୍କ ଘର ପାଇଁ ମାପ କରିବା କହି ୩ ହଜାର ଟଙ୍କା ଲାଂଚ ନେଉଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଜଣେ ଏଆରଆଇ ଧରା ପଡିଛନ୍ତି। ଏଆରଆଇ ଜଣକ ନାମ ହେଲା ରାମେଶ୍ୱର ମାରାଣ୍ଡି । ସେ ବଡ଼ବିଲ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ କାର୍ଯ୍ୟ କରନ୍ତି ।ମିଳିଥିବା ସୂଚନା ଅନୁସାରେ କାର୍ଯ୍ୟାଳୟ ପରିସରରେ ଖବର ପାଇ କେନ୍ଦୁଝର ଭିଜିଲାନ୍ସ ବିଭାଗ ଏଆରଆଇଙ୍କୁ ଟଙ୍କା ସହ ଧରିବାକୁ ସଫଳ ହୋଇଛନ୍ତି । ବିଭାଗ ପକ୍ଷରୁ ଏକ ସଙ୍ଗେ ତାଙ୍କ ତହସିଲ କାର୍ଯ୍ୟାଳୟ ଓ ଘରେ ଚଢାଉ କରାଯାଇ ଥିବା ଜଣା ପଡ଼ିଛି।

### ବ୍ରହ୍ମଗିରି ତହସିଲରେ ଭିଜିଲାନ୍ସ ଚଢ଼ଉ, ୨ ଗିରଫ

ପୁରୀ ,୨୫।୨(ପି.ଏନ): ବ୍ରହ୍ମଗିରି ତହସିଲ ଅଫିସରେ ଲାଂଚ ଗ୍ରହଣ କରୁଥିବା ସମୟରେ ଦୁଇଜଣ କର୍ମଚାରୀ ଭିଜିଲାନ୍ସ ଜାଲରେ ପଡିଛନ୍ତି । ବ୍ରହ୍ମଗିରି ଆରଆଇ ବିଚିତ୍ର ମୋହନ ମିଶ୍ର ଓ ପିଅନ କବିତା ବେହେରା ସାନବନ୍ଧକେରା ଗ୍ରାମର ଅଶ୍ୱିନି ନାୟକଙ୍କ ଠାରୁ ଲାଂଚ ଗ୍ରହଣ କରୁଥିବା ସମୟରେ ଧରାପଡିଥିଲେ । ପିଅନ ଶ୍ରୀମତୀ ବେହେରା ଅଶ୍ୱିନୀଙ୍କ ଠାରୁ ୬ ଶହ ଟଙ୍କା ଗ୍ରହଣ କରି ଆରଆଇଙ୍କ ଟେବୁଲ ଉପରେ ରଖିଥିଲେ ଓ ପରେ ଡ୍ର ଭିତରେ ରଖିଥିଲେ । ସେମାନଙ୍କ ହାତରୁ କେମିକାଲ ପାଣି ଦ୍ୱାରା ଉଭୟେ ଲାଂଚ ଗ୍ରହଣ କରୁଥିବା ପ୍ରମାଣିତ ହୋଇଥିଲା । ଭିଜିଲାନ୍ସ ଅଫିସରେ ପୂର୍ବରୁ ଶ୍ରୀ ନାୟକ ଏ ସଂପର୍କରେ ଅଭିଯୋଗ କରିଥିଲେ । ତହସିଲରେ ଦାଖଲ ଖାରଜ କେସ ନମ୍ବର ୧୫୩/ ୨୦୨୦ରେ ନାୟକଙ୍କ କାମ କରିଦେବା ପାଇଁ ଏହି ଲାଂଚ ନିଆଯାଉଥିଲା । ଭିଜିଲାନ୍ସ ଅଧିକାରୀ ସେମାନଙ୍କୁ ବ୍ରହ୍ମଗିରିରୁ ପୁରୀ ଆଣି ପଚରା ଉଚୁରା ପରେ କୋର୍ଟ ଚାଲାଣ କରିଛନ୍ତି । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏହାସହ ଆରଆଇ ଶ୍ରୀ ମିଶ୍ର ନକଲି ମାଟ୍ରିକ ସାର୍ଟିଫିକେଟ ଦେଇ ଚାକିରୀ କରିଥିବା ଅଭିଯୋଗ ହୋଇଥିଲା । ଏ ସଂପର୍କରେ ଜଣେ ବ୍ୟକ୍ତି ସୂଚନା ଆଇନ ବଳରେ ତଥ୍ୟ ମାଗିବାରୁ ଜଣାପଡିଥିଲା । ଶ୍ରୀ ମିଶ୍ର ବୀରନରସିଂହପୁର ହାଇସ୍କୁଲରେ ମାଟ୍ରିକ ପାସ୍ କରିଥିବା ଦର୍ଶାଇଛନ୍ତି ।

### ଗଞ୍ଜେଇ ଚାଲାଣ ମାମଲା : ଫେରାର୍ ଅଭିଯୁକ୍ତ ନାବାଳକ ଧରାପଡିଲା

ଜୟପୁର, ୨୫।୨(ପି.ଏନ): ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ମାମଲାରେ ଫେରାର୍ ଥିବା ନାବାଳକକୁ ଧରିବାରେ ସଫଳ ହୋଇଛି । ୨୦୧୯ ରେ ସଦର ପୋଲିସ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରିଥିଲା । ସେହି ମାମଲାରେ ୨ ଜଣ ପୂର୍ବରୁ ଗିରଫ ହୋଇଥିବା ବେଳେ ନାବାଳକ ଜଣକ ଘଟଣା ପର ଠାରୁ ଫେରାର୍ ଥିଲା । ସମ୍ପୃକ୍ତ ନାବାଳିକକୁ ଆଜି ଠାବ କରାଯାଇଥିଲା । ଅଭିଯୁକ୍ତ ନାବାଳକକୁ ଜୁଭେଲାଇନ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

### ଉତ୍ତର-ପୂର୍ବ ଦିଲ୍ଲୀରେ ହିଂସାକାଣ୍ଡ : ହେଡ କନେଷ୍ଟବଲ ସମେତ ୧୦ ମୃତ

ନୂଆଦିଲ୍ଲୀ, ୨୫।୨(ପି.ଏନ): ନାଗରିକତା ସଂଶୋଧନ ଆଇନ (ସିଏଏ) ଏବଂ ରାଷ୍ଟ୍ରୀୟ ନାଗରିକ ରେଜିଷ୍ଟର (ଏନଆରସି)କୁ ବିରୋଧ ଓ ସମର୍ଥନକାରୀ ପରସ୍ପର ମୁହାଁମୁହିଁ ହେବା ଫଳରେ ରବିବାର ଆରମ୍ଭ ହୋଇଥିବା ହିଂସା ସୋମବାର ବ୍ୟାପକ ରୂପ ନେଇଥିଲା । ଉତ୍ତର-ପୂର୍ବ ଦିଲ୍ଲୀର କେତେକ ଅଂଚଳରେ ଦିନ ତମାମ ଟେକା ପଥର ମାଡ଼, ପୋଡ଼ା ଜଳା ଓ ଗୁଳି ମାଡ଼ ସଂଗଠିତ ହୋଇଥିଲା । ଏଥିରେ ଜଣେ ହେଡ୍ କନେଷ୍ଟବଲ ସମେତ ମୋଟ୍ ଦଶ ଜଣଙ୍କର ମୃତ୍ୟୁ ଘଟିଛି । ହିଂସାକାଣ୍ଡରେ ଶତାଧିକ ଆହତ ହୋଇଛନ୍ତି ।୬ ମୃତକ ହେଲେ ଶାହିଦ, ମହମ୍ମଦ ଫୁରକାନ, ରାହୁଲ ସୋଲାଙ୍କି, ନଜିମ୍, ମଙ୍ଗଲ ଓ ବିନୋଦ ।ଅଗ୍ନିଶମ ବିଭାଗର ନିର୍ଦ୍ଦେଶକ ଅତୁଲ ଗର୍ଗଙ୍କ ସୂଚନା ଅନୁଯାୟୀ, ସୋମବାର ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ନେଇ ୪୫ ଟି ଟେଲିଫୋନ୍ କଲ୍ ମିଳିଥିଲା । ଘଟଣାସ୍ଥଳକୁ ଯାଇ ନିଆଁ ଲିଭାଇବା ବେଳେ ବିଭାଗୀୟ ତିନି ଜଣ କର୍ମଚାରୀ ଆହତ ହୋଇଛନ୍ତି ।

## ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ଉର୍ଜା କ୍ଷେତ୍ରକୁ ନୂଆ ଶିଖରକୁ ନେବ : ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର, ୨୫।୨(ପି.ଏନ): ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଉର୍ଜା କ୍ଷେତ୍ରକୁ ନୂଆ ଶିଖରକୁ ନେବ ବୋଲି ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଆୟୋଜିତ ଇଣ୍ଡିଆ-ୟୁଏସ୍ ବିଜନେସ୍ ଷ୍ଟୋରୀ : ସୁଯୋଗ, ନବଉନ୍ମେଷ ଏବଂ ଉଦ୍ୟମିତା କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ମଜବୁତ୍ ହେଉଛି ।ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ ଭାରତ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଟ୍ରମ୍ପଙ୍କ ବୈଠକରେ ଉର୍ଜା ସ୍ତମ୍ଭକୁ ଗୁରୁତ୍ୱ ଦେବା ସହ ଦ୍ୱିପାକ୍ଷିକ ରଣନୈତିକ ସମ୍ପର୍କକୁ ଅଧିକ ମଜବୁତ୍ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଭାରତର ଆମେରିକା ରଣନୈତିକ ଉର୍ଜା ସହଯୋଗ କାରଣରୁ ଗତ ୩ ବର୍ଷରେ ଉର୍ଜା କ୍ଷେତ୍ରରେ ବିକାଶର ସୁପ୍ରଭାବ ଦେଖିବାକୁ ମିଳିଛି। ଏହାବ୍ୟତିତ ଗତ ୩ ବର୍ଷରେ ଭାରତର ହାଇଡ୍ରୋକାର୍ବନ ଦ୍ୱିପାକ୍ଷିକ ସମ୍ପର୍କରେ ଅଗ୍ରଗତି ପରିଲକ୍ଷିତ ହୋଇଛି ଏବଂ ଏହା ହିଁ ଦୁଇ ଦେଶ ମଧ୍ୟରେ ଥିବା ବିକାଶର ସମ୍ପର୍କକୁ ପ୍ରତିଫଳିତ କରୁଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତକାଲି ଆମେରିକାର ଉର୍ଜା ସଚିବ ଡାନ୍ ବ୍ରୌଲିଟି ମଧ୍ୟରେ ହୋଇଥିବା ସମୀକ୍ଷା ବୈଠକ ଦ୍ୱାରା ଭାରତ ଏବଂ ଆମେରିକା ମଧ୍ୟରେ କ୍ରିୟାନ୍ୱିତ ରଣନୈତିକ ଉର୍ଜା ସହଯୋଗକୁ ନୂଆ ସ୍ତରକୁ ନେବା ପାଇଁ ନିଷ୍ପତି ନିଆଯାଇଛି । ଭାରତ ଓ ଆମେରିକା ସମ୍ପର୍କ ଦ୍ୱାରା ଦେଶକୁ ଗ୍ୟାସ ଆଧାରିତ ଅର୍ଥନୀତି କରିବାରେ ମଧ୍ୟ ସହଜ ହେବ । ସେହିପରି ଗତକାଲି ଆଇଓସିଏଲ ଏବଂ ଏକ୍ସନ ମୋବିଲ୍ ମଧ୍ୟରେ ଏକ ଚୁକ୍ତି ପତ୍ର ସ୍ୱାକ୍ଷରିତ ହୋଇଯାଇଛି, ଯାହା ଭାରତୀୟ ବଜାରରେ ଏଲଏନଜିର ଉପଲବ୍ଧିରେ ବୃଦ୍ଧି ଘଟିବ । "ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ସୁଦ୍ଧା ଭାରତକୁ ଆମେରିକୀୟ ଡଲାରରେ ୫ ଟ୍ରିଲିୟନ ଅର୍ଥନୀତି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଭାରତର ଉର୍ଜା କ୍ଷେତ୍ର ଏହି ଲକ୍ଷ୍ୟକୁ ହାସଲ କରିବା ଦିଗରେ ଉଦ୍ୟମରତ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଭାରତ ଦ୍ରୁତତମ ଅର୍ଥନୀତି ବଢୁଥିବା ଦେଶ ମଧ୍ୟରୁ ଅନ୍ୟତମ ଏବଂ ୨୦୩୫ ସୁଦ୍ଧା ବାର୍ଷିକ ୪.୨ ପ୍ରତିଶତ ଉର୍ଜା ବ୍ୟବହାର ବୃଦ୍ଧି ପାଇବ । ଆମେ ସୁରକ୍ଷିତ ପଦ୍ଧତିରେ ସୌର ଉର୍ଜା ଏବଂ ବିକଳ୍ପ ଉର୍ଜାର ସନ୍ଧାନ କରିବା ଦିଗରେ କାର୍ଯ୍ୟ କରୁଛୁ ଏବଂ ଏଥିପାଇଁ ଅନେକ ଯୋଜନା ପ୍ରସ୍ତୁତ କରାଯାଇଥିବା ଶ୍ରୀ ପ୍ରଧାନ କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଗୋଟିଏ ଦେଶ, ଗୋଟିଏ ଗ୍ୟାସ ଗ୍ରୀଡ୍ ଦୂରଦୃଷ୍ଟି ଆମକୁ ଦେଶରେ ଗ୍ୟାସ ଭିତିଭୂମିର ସଂପ୍ରସାରଣ କରିବାକୁ ଉତ୍ସାହ ଦେଉଅଛି । ଦେଶର ଗ୍ୟାସ ଭିତିଭୂମିକୁ ସୁଦୃଢ କରିବା ପାଇଁ ପାଇପଲାଇନ, ସିଟି ଗ୍ୟାସ ବିତରଣ ଏବଂ ଏଲଏନଜି ଟର୍ମିନାଲ କାର୍ଯ୍ୟ ପାଇଁ ଆମେରିକୀୟ ଡଲାରରେ ୬୦ ବିଲିୟନ ପୁଞ୍ଜିନିବେଶ କରାଯିବା ପାଇଁ ଆକଳନ କରାଯାଇଛି । ଏତଦବ୍ୟତିତ ସିଜିଡି ବା ସିଟି ଗ୍ୟାସ ବିତରଣ ନେଟଓ୍ୱାର୍କ ସଂପ୍ରସାରଣରେ ଦ୍ରୁତ ବୃଦ୍ଧି ହେଉଛି । ଦେଶର ଜନସଂଖ୍ୟାର ପ୍ରାୟ ୭୦ ପ୍ରତିଶତ ଏହି ନେଟଓ୍ୱାର୍କ ଉପଲବ୍ଧ ହୋଇଥିବା ବେଳେ ଖୁବ ଶୀଘ୍ର କେନ୍ଦ୍ରଶାସିତ ଅଂଚଳକୁ ମଧ୍ୟ ସିଜିଡି ନେଟଓ୍ୱାର୍କ ସଂପ୍ରସାରଣ କରାଯିବ । ଅପରପକ୍ଷରେ ୨୦୨୪ ସୁଦ୍ଧା ସମଗ୍ର ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ୧୦୦ ବିଲିୟନ ଡଲାର ପୁଞ୍ଜିନିବେଶ ଏହି କ୍ଷେତ୍ରକୁ ସୁଦୃଢ କରିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଆମେରିକା ଓ ଭାରତ ଦ୍ୱିପାକ୍ଷିକ ସହଯୋଗ ଦ୍ୱାରା ସ୍ୱଚ୍ଛ ଉର୍ଜା ବିକାଶରେ ବୃଦ୍ଧି ଘଟିଛି । ଆମେରିକାର ସହଯୋଗ ଦ୍ୱାରା ୨୦୩୦ ସୁଦ୍ଧା ଦେଶର ଇସ୍ପାତ୍ ଉତ୍ପାଦନ କ୍ଷମତାକୁ ୧୪୦ ମେଟ୍ରିକ୍ ଟନରୁ ୩୦୦ ମେଟ୍ରିକ୍ ଟନ୍ କ୍ଷମତାକୁ ବୃଦ୍ଧି କରିବା ଲକ୍ଷ୍ୟରେ ଅଗ୍ରସର ହେଉଛୁ । କୋକିଂ କୋଲ୍ କ୍ଷେତ୍ରରେ ମଧ୍ୟ ଆମେରିକା ସହ ଦୀର୍ଘମିଆଦି ସହଯୋଗ ଲୋଡିବା ବ୍ୟବସାୟିକ ଆଲୋଚନା ହୋଇଥିବା ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଆମେରିକାକୁ ଭାରତର ଉର୍ଜା ତଥା ତୈଳ ଓ ଗ୍ୟାସ କ୍ଷେତ୍ରର ବିକାଶରେ ସାମିଲ ହେବାକୁ ନିମନ୍ତ୍ରଣ କରିଥିଲେ ।

### ବେଆଇନ୍ ପାର୍କିଂ କଲେ ଆଦାୟ ହେବ ମୋଟା ଅଙ୍କର ଜୋରିମାନା

ଭୁବନେଶ୍ୱର, ୨୫।୨(ପି.ଏନ): ବେଆଇନ୍ ପାର୍କିଂ ରୋକିବାକୁ କଡାକଡି ହୋଇଛି ନିୟମ। ରାଜଧାନୀର ଜନଗହଳି ଥିବା ରାସ୍ତାରେ ବେନିୟମ ଭାବେ ଗାଡ଼ି ପାର୍କିଂ ନ କରିବାକୁ ଗାଡି ଚାଳକ ମାନଙ୍କ କୁହାଯାଇଛି । ନହେଲେ ପାଂଚଶହ ଟଙ୍କା ଜରିମାନା ଦେବାକୁ ହେବ। ଏଥିସହ କ୍ରେନ୍ ବ୍ୟବହାର ହେଲେ ସେ ବାବଦକୁ ମଧ୍ୟ ଦେୟ ଆଦାୟ କରାଯିବ ବୋଲି କମିଶନରେଟ୍ ପୋଲିସ୍ ପକ୍ଷରୁ ବିଜ୍ଞପ୍ତି ଜାରୀ କରାଯାଇଛି ।ରାଜଭବନ ଛକରୁ କଳାରାହଙ୍ଗ ଛକ , ଏୟାରପୋର୍ଟରୁ ନାଲକୋ ଛକ , ଶିଶୁଭବନ ଛକରୁ ବାଣୀବିହାର , ରସୁଲଗଡ଼ ଛକରୁ ଜୟଦେବ ବିହାର , ଶ୍ରୀୟା ଛକରୁ ପି.ଏଚ.ଡି କାର୍ଯ୍ୟାଳୟ ଏବଂ ବାପୁଜୀନଗର ରାସ୍ତାରେ ଏହି ନିୟମ କଡାକଡି ଭାବେ ପାଳନ କରାଯିବ। ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ ୨୦୦୩ ଧାରା ୨୮ ଓ ୨୯ ତଥା ଭୁବନେଶ୍ୱର-କଟକ ପୋଲିସ କମିସନରେଟ୍ ଟ୍ରାଫିକ୍ ରୁଲ ୨୦୦୮ ଧାରା ୨୯ରୁ ୨୧ ଅନୁସାରେ ସହରରେ ବେଆଇନ ପାର୍କିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ଧୀରେଧୀରେ ଅଧିକ କଡ଼ା କରାଯିବା ପାଇଁ ନିଷ୍ପତି ନିଆଯାଇଛି। ଏହାର ଖିଲାପ ହେଲେ ମୋଟରଯାନ ଆଇନ ୨୦୧୯ ଧାରା ୧୮୮ ଅନୁସାରେ ପାଂଚଶହ ଟଙ୍କା ଜରିମାନା ଦେବାକୁ ହେବ ଓ ଏଥିସହ କ୍ରେନ୍ ବ୍ୟବହାର ହେଲେ ସେ ବାବଦୀୟ ଖର୍ଚ୍ଚ ମୋଟରଯାନ ଆଇନର ଧାରା ୧୨୭ ଅନୁସାରେ ଭରଣା କରିବାକୁ ହେବ ବୋଲି କମିସନରେଟ୍ ପୋଲିସ୍ ଜନସାଧାରଣଙ୍କୁ ସତର୍କ କରିଛି।

### ବିଧାନସଭାରେ ଧାନ କିଣା ପ୍ରସଙ୍ଗକୁ ନେଇ ହଟ୍ଟଗୋଳ, ହୋଇ ପାରିଲା ନାହିଁ ପ୍ରଶ୍ନୋତର କାର୍ଯ୍ୟକ୍ରମ, ଶୂନ୍ୟକାଳ

ଭୁବନେଶ୍ୱର, ୨୫।୨(ପି.ଏନ): ଷୋଡଶ ବିଧାନସଭାର ତୃତୀୟ ଅଧିବେଶନର ଅଷ୍ଟମ କାର୍ଯ୍ୟ ଦିବସରେ ଆଜି ଗୃହରେ ଉଭୟ ବିରୋଧୀ ବିଜେପି ଓ କଂଗ୍ରେସ ଦଳ ପକ୍ଷରୁ ଚାଷୀଙ୍କ ଧାନ କିଣାକୁ ନେଇ ହଟ୍ଟଗୋଳ କରିବା ଫଳରେ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏହାକୁ ଏଡାଇବାକୁ ଯାଇ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ପ୍ରଥମେ ୧୦.୩୦ ମିନିଟରୁ ୧୧.୩୦ ଯାଏ ମୁଲତବୀ ରଖିଥିଲେ ଓ ପରେ ୧୧.୩୧ରୁ ୧୨.୫୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଏହା ଫଳରେ ପ୍ରଥମାର୍ଧ ବୈଠକରେ ହେବାକୁ ଥିବା ଫଳରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ଓ ଶୂନ୍ୟକାଳ କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା । ୧୧.୩୧ରେ ଗୃହକୁ ମୁଲତବୀ କରିବା ପୂର୍ବରୁ ଗୃହ କାର୍ଯ୍ୟର ସୁପରିଚାଳନା ପାଇଁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ତାଙ୍କ ପ୍ରକୋଷ୍ଠରେ ଏକ ସର୍ବଦଳୀୟ ବୈଠକ ଡାକିଥିଲେ । ସର୍ବଦଳୀୟ ବୈଠକ ପରେ ଗୃହ କାର୍ଯ୍ୟ ସ୍ୱାଭବିକ ହୋଇଥିଲା । ପୂର୍ବ ନିର୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ପୂର୍ବାହ୍ନ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇ ଥିଲା । ବୈଠକ ଆରମ୍ଭ ହେବା ମାତ୍ର ବିରୋଧୀ ବିଜେପି ଓ କଂଗ୍ରେସ ବିଧାୟକ ମାନେ ଧାନ କିଣା ମାମଲାରେ ହଟ୍ଟଗୋଳ ଆରମ୍ଭ କରି ଦେଇଥିଲେ । ହଟ୍ଟଗୋଳରେ ବିଜେପି ଓ କଂଗ୍ରେସ ଦଳର ସଦସ୍ୟ ମାନେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇଥିଲେ । ବ୍ୟାନର ଧରି ଗୃହର ମଧ୍ୟ ଭାଗକୁ ଚାଲି ଆସି ନାରାବାଜୀ କରିଥିଲେ । ଚାଷୀଙ୍କୁ ନ ଦିଅ ମରଣ. ସରକାର ଧାନ କିଣ ଲେଖା ଥିବା ବ୍ୟାନର ଧରିଥିଲେ ବିଜେପି ବିଧାୟକ । କଂଗ୍ରେସ ବିଧାୟକ ମାନେ ମିଲର ଦଲାଲ ସରକାର ହାୟ ହାୟ, ପୁନର୍ବାର ରେଜିଷ୍ଟ୍ରସନ ହେଉ ଓ ପ୍ରକୃତ ଚାଷୀଙ୍କ ଠାରୁ ଧାନ କିଣା ଯାଉ ଲେଖାଥିବା ବ୍ୟାନର ଧରିଥିଲେ । ପ୍ରଥମେ ବିଧାୟକ ମାନେ ନିଜ ନିଜ ଆସନରେ ଠିଆ ହୋଇଥିଲେ ଓ ପରେ ଗୃହର ମଧ୍ୟ ଭାଗକୁ ଚାଲି ଆସିଥିଲେ । ଅଚଳାବସ୍ଥାକୁ ଏଡାଇବାକୁ ଯାଇ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଗୃହକାର୍ଯ୍ୟ ପୁଣି ଥରେ ଆରମ୍ଭ ହେବା ମାତ୍ରେ ସେହି ସମାନ ପ୍ରସଙ୍ଗରେ ବିରୋଧୀ ବିଜେପି ଓ କଂଗ୍ରେସ ବିଧାୟକ ମାନେ ହଟ୍ଟଗୋଳ କରିଥିଲେ । ବାଚସ୍ପତି ୧୧.୩୧ରୁ ୧୨.୫୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ମୁଲତବୀ ଘୋଷଣା କରିବା ପୂର୍ବରୁ ଗୃହ କାର୍ଯ୍ୟର ସୁପରିଚାଳନା ପାଇଁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ତାଙ୍କ ପ୍ରକୋଷ୍ଠରେ ଏକ ସର୍ବଦଳୀୟ ବୈଠକ ଡାକିଥିଲେ । ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ , ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ , ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ , ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ,କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର, ଶାସକ ଦଳର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ , ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ , ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା, କଂଗ୍ରେସ ବିଧାୟକ ଦଳର ନେତା ତାରା ପ୍ରସାଦ ବାହିନୀପତିଙ୍କୁ ତାଙ୍କର ପ୍ରକୋଷ୍ଠରେ ବୈଠକ ପାଇଁ ଡାକିଥିଲେ । ସର୍ବଦଳୀୟ ବୈଠକ ପରେ ଗୃହ କାର୍ଯ୍ୟ ସ୍ୱାଭବିକ ହୋଇଥିଲା । ବୈଠକ ପରେ ବାଚସ୍ପତି ଶ୍ରୀ ପାତ୍ର ବିଧାନସଭାରେ ସୂଚନା ଦେଇ କହିଥିଲେ ଯେ ରାଜ୍ୟରେ ଟୋକେନ୍ ମାଧ୍ୟମରେ ଧାନ କିଣା ସମ୍ପର୍କରେ ଯେଉଁ ସମସ୍ୟା ଉପୁଜିଛି ସେନେଇ ପୁଣି ଥରେ ସର୍ବଦଳୀୟ ବୈଠକ ହୋଇଥିଲା ଓ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଜିଲ୍ଲାୱାରୀ ବିଧାୟକମାନଙ୍କ ସହ ଆଲୋଚନା କରିଛନ୍ତି। ମୁଁ ଆଶା କରୁଛି ସଦସ୍ୟମାନଙ୍କ ସହିତ ଆଲୋଚନାକୁ ଭିତି କରି ମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନେବେ। ରାଜ୍ୟରେ ରେଜିଷ୍ଟ୍ରିଭୁକ୍ତ ଚାଷୀର ଧାନ ସରକାରଙ୍କ ନିଷ୍ପତି ଅନୁଯାୟୀ ୩୧ ମାର୍ଚ୍ଚ ୨୦୨୦ ସୁଦ୍ଧା କିଣାଯିବ। ଉପରୋକ୍ତ ଚାଷୀ ମାନଙ୍କୁ ୩୧ ମାର୍ଚ୍ଚ ୨୦୨୦ର ଯଥେଷ୍ଟ ପୂର୍ବରୁ ଟୋକେନ୍ ଦିଆଯାଉ । ଆଜି ଗୁରୁତ୍ୱପୂର୍ଣ୍ଣ ବଜେଟ୍ ଉପରେ ଆଲୋଚନା ଅଛି। ତେଣୁ ସେ ସଦସ୍ୟମାନଙ୍କୁ ଗୃହ କାର୍ଯ୍ୟରେ ଭାଗ ନେବାକୁ ସେ ଅନୁରୋଧ କରିଥିଲେ । ଏହା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା । ଏହାପରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଧାନ କିଣା ପ୍ରସଙ୍ଗରେ କହିଥିଲେ ଯେ ବର୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ମଣ୍ଡିରେ ପଡି ରହିଥିବା ଧାନ ଗଜା ହେବାକୁ ବସିଲାଣି । ସେ ଧାନ ଯେପରି କିଣାଯିବ ତାର ବ୍ୟବସ୍ଥା ହେଉ। ଟୋକେନ୍ ଥାଇ ମଧ୍ୟ ଧାନ କିଣାଯାଉନାହିଁ। ଦଲାଲି ବ୍ୟବସ୍ଥା ଏବେ ବି ରହିଛି। ଯେଉଁ ଯେଉଁ ମଣ୍ଡିରେ ଏବଂ ଘରେ ଧାନ ରହିଛି , ପଂଜୀକୃତ ଚାଷୀ ହୁଅନ୍ତୁ ବା ଅଣପଂଜୀକୃତ ଚାଷୀ ହୋଇଥାନ୍ତୁ ତାଙ୍କ ଠାରୁ ଧାନ କିଣାଯାଉ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ ଧାନ କିଣା ନେଇ ବାଚସ୍ପତି ବିଭିନ୍ନ ସମୟରେ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇନାହିଁ। ସରକାରଙ୍କ ଉପରେ ଆମର ଭରସା ନାହିଁ। ଧାନ କିଣା ବେଳେ ମିଲ୍ ମାଲିକ ବା ମଧ୍ୟସ୍ଥି ଉପସ୍ଥିତ ରହିପାରିବେ ନାହିଁ। ମାତ୍ର ବାସ୍ତବ କ୍ଷେତ୍ରରେ ତାର ଓଲଟା ହେଉଛି। ମିଲର ମାନେ ନଆସିଲେ ଧାନ କିଣାଯାଉ ନାହିଁ। ଡିସ୍ କଲର ହୋଇଥିବା ଧାନ ଗୁଡିକ ମଧ୍ୟ କିଣାଯାଉ। ଯେପର୍ଯ୍ୟନ୍ତ ଏସବୁ ଧାନ ନକିଣାଯାଇଛି ଏବଂ ସମସ୍ୟାର ସମାଧାନ ନହୋଇଛି ବିଧାନସଭା ଅଚଳ ହେବ। ସେହିପରି ପଂଜୀକରଣ ତାରିଖ ବୃଦ୍ଧି ପାଇଁ ସେ ଦାବି କରିଛନ୍ତି। ବିଷ୍ଣୁ ସେଠୀ କହିଥିଲେ ଯେ ଧାନ କିଣା ବିକା ନେଇ ଯେଉଁ ସମସ୍ୟା ଦେଖାଦେଇଛି ତାର ସ୍ଥାୟୀ ସମାଧାନ କରାଯାଉ। ଟୋକନ୍ ପଦ୍ଧତିକୁ ସରଳୀକରଣ କରାଯାଉ ନଚେତ୍ ଉଚ୍ଛେଦ କରାଯାଉ। ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଲେ ଯେ ସବୁ ଚାଷୀଙ୍କୁ ପଂଜୀକୃତ କରାଯାଉ।

## ଭାରତ-ଆମେରିକା ସମ୍ପର୍କ ଏକବିଂଶ ଶତାବ୍ଦୀର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭାଗିଦାରିତା : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ , ୨୫।୨(ପି.ଏନ): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ସାକ୍ଷାତ ଅଭୂତପୂର୍ବ ଏବଂ ଐତିହାସିକ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି । ମୋଦି କହିଛନ୍ତି ଯେ ଭାରତ - ଆମେରିକା ସମ୍ପର୍କ, ଏକବିଂଶ ଶତାବ୍ଦୀର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ମଧ୍ୟରୁ ଅନ୍ୟତମ। ତେଣୁ ସେଥିପାଇଁ ଆଜି ରାଷ୍ଟ୍ରପତି ଟ୍ରମ୍ପ ଏବଂ ମୁଁ ଆମ ସମ୍ପର୍କକୁ ବିସ୍ତୃତ ବୈଶ୍ୱିକ ରଣନୈତିକ ଭାଗିଦାରୀ ସ୍ତରକୁ ନେଇଯିବା ଲାଗି ନିଷ୍ପତି ନେଇଛୁ। ସମ୍ପର୍କକୁ ଏହି ସୋପାନ ପର୍ଯ୍ୟନ୍ତ ଆଣିବାରେ ରାଷ୍ଟ୍ରପତି ଟ୍ରମ୍ପଙ୍କର ଅମୂଲ୍ୟ ଯୋଗଦାନ ରହିଛି। ଆଜି ଆମର ଆଲୋଚନାରେ ଆମେ ଏହି ଭାଗିଦାରୀର ପ୍ରତ୍ୟେକ ଦିଗ ଉପରେ ସକାରାତ୍ମକ ବିଚାର ବିନିମୟ କଲୁ- ତାହା ପ୍ରତିରକ୍ଷା ଓ ସୁରକ୍ଷା ହେଉ, ଶକ୍ତି କ୍ଷେତ୍ରରେ ରଣନୈତିକ ଭାଗିଦାରୀ ହେଉ, ପ୍ରଯୁକ୍ତି ସହଯୋଗ ହେଉ, ବୈଶ୍ୱିକ ଯୋଗାଯୋଗା ହେଉ, ବାଣିଜ୍ୟ ସମ୍ପର୍କ ହେଉ କିମ୍ବା ନାଗରିକ ସମ୍ପର୍କ। ଭାରତ ଏବଂ ଆମେରିକା ମଧ୍ୟରେ ବୃଦ୍ଧି ପାଉଥିବା ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗ ଆମ ରଣନୈତିକ ଭାଗିଦାରୀର ଏକ ବହୁତ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। ଅତ୍ୟାଧୁନିକ ପ୍ରତିରକ୍ଷା ଉପକରଣ ତଥା ମଂଚରେ ସହଯୋଗ ଫଳରେ ଭାରତର ପ୍ରତିରକ୍ଷା କ୍ଷମତା ବୃଦ୍ଧି ପାଇଛି। ଆମର ପ୍ରତିରକ୍ଷା ନିର୍ମାତାମାନେ ପରସ୍ପର ଯୋଗାଣ ଶୃଙ୍ଖଳାର ଅଂଶବିଶେଷ ପାଲଟୁଛନ୍ତି। ଭାରତୀୟ ସେନାବାହିନୀ ଆଜି ସବୁଠୁ ଅଧିକ ସମରାଭ୍ୟାସ ଆମେରିକା ସେନା ସହିତ କରୁଛି। ଗତ କିଛି ବର୍ଷ ମଧ୍ୟରେ, ଆମ ସେନା ମଧ୍ୟରେ ଆନ୍ତଃପରିଚାଳନାରେ ଅଭୂତପୂର୍ବ ବୃଦ୍ଧି ହୋଇଛି ।ସେହିପରି ଆମେ ଆମ ଦେଶର ସୁରକ୍ଷା ଏବଂ ଅନ୍ତର୍ଜାତୀୟ ଅପରାଧ ସହ ମୁକାବିଲା ଲାଗି ମଧ୍ୟ ସହଯୋଗ ବୃଦ୍ଧି କରୁଛୁ। ଆଜି ଦେଶର ଅନ୍ତରୀଣ ସୁରକ୍ଷା କ୍ଷେତ୍ରରେ ନିଆଯାଇଥିବା ନିର୍ଣ୍ଣୟ ଫଳରେ ଏହି ସହଯୋଗ ଆହୁରି ବୃଦ୍ଧି ପାଇବ। ଆତଙ୍କବାଦର ସମର୍ଥନକାରୀମାନଙ୍କୁ ଉତରଦାୟୀ କରିବା ଲାଗି ଆଜି ଆମେ ଆମ ପ୍ରୟାସକୁ ଆହୁରି ବୃଦ୍ଧି କରିବା ଲାଗି ନିଷ୍ପତି ନେଇଛୁ। ଡ୍ରଗ୍ସ ଏବଂ ଅଫିମ କାରବାର ବିରୋଧରେ ଲଢ଼େଇକୁ ରାଷ୍ଟ୍ରପତି ଟ୍ରମ୍ପ ପ୍ରାଥମିକତା ଦେଇଛନ୍ତି। ଆଜି ଆମ ମଧ୍ୟରେ ନିଶାଦ୍ରବ୍ୟ କାରବାର, ନାର୍କୋ-ଟେରୋରିଜିମ (ନିଶାଔଷଧ ଆତଙ୍କବାଦ) ଏବଂ ସଂଗଠିତ ଅପରାଧ ଭଳି ଗମ୍ଭୀର ସମସ୍ୟା ବିଷୟରେ ଏକ ନୂତନ ବ୍ୟବସ୍ଥା ଉପରେ ମଧ୍ୟ ସହମତି ହୋଇଛି ।କିଛିଦିନ ପୂର୍ବରୁ ପ୍ରତିଷ୍ଠିତ ଆମର ରଣନୈତିକ ଭାଗିଦାରୀ ସୁଦୃଢ଼ ହୋଇଚାଲିଛି। ଆହୁରି ଏହି କ୍ଷେତ୍ରରେ ଆପୋସ ନିବେଶ ବୃଦ୍ଧି ପାଇଛି। ତୈଳ ଏବଂ ଗ୍ୟାସ ଲାଗି ଆମେରିକା ଭାରତର ବହୁତ ବଡ଼ ଉତ୍ସରେ ପରିଣତ ହୋଇଛି। ଗତ ଚାରି ବର୍ଷ ମଧ୍ୟରେ ଆମର ମୋଟ ଶକ୍ତି କାରବାର ପାଖାପାଖି ୨୦ ବିଲିୟନ ଡଲାର ରହିଥିଲା। ଅକ୍ଷୟଶକ୍ତି ହେଉ କିମ୍ବା ପରମାଣୁ ଶକ୍ତି, ଆମର ସହଯୋଗକୁ ନୂତନ ଇନ୍ଧନ ମିଳୁଛି। ଇଣ୍ଡଷ୍ଟ୍ରୀ ୪.୦ ଏବଂ ଏକବିଂଶ ଶତାବ୍ଦୀର ଅନ୍ୟ ଉଦୀୟମାନ ପ୍ରଯୁକ୍ତି କ୍ଷେତ୍ରରେ ମଧ୍ୟ ଭାରତ-ଆମେରିକା ଭାଗିଦାରୀ, ନବୋନ୍ମେଷ ଏବଂ ଉଦ୍ୟମିତାର ନୂତନ ସୋପାନରେ ପହଁଚିଛି। ଶକ୍ତି, ବେସାମରିକ ବିମାନ, ପ୍ରତିରକ୍ଷା ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରକୁ ଦେଖିବା ତ ଗତ ଚାରି ପାଂଚ ବର୍ଷ ମଧ୍ୟରେ କେବଳ ଏହି ଚାରିଟି କ୍ଷେତ୍ର ହିଁ ଭାରତ-ଆମେରିକା ଆର୍ଥିକ ସମ୍ପର୍କରେ ୭୦ ବିଲିୟନ ଡଲାରର ଯୋଗଦାନ ଦେଇଛନ୍ତି। ଏଥିମଧ୍ୟରୁ ଅନେକ କିଛି ରାଷ୍ଟ୍ରପତି ଟ୍ରମ୍ପଙ୍କ ନୀତି ଏବଂ ନିଷ୍ପତି କାରଣରୁ ସମ୍ଭବ ହୋଇପାରିଛି। ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଯେ ଆଗାମୀ ଦିନରେ ଏହି ତଥା ଯଥେଷ୍ଟ ବୃଦ୍ଧି ପାଇବ। ଦ୍ୱିପାକ୍ଷିକ ବାଣିଜ୍ୟ କ୍ଷେତ୍ରରେ ଆମର ବାଣିଜ୍ୟ ମନ୍ତ୍ରୀଙ୍କ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି। ରାଷ୍ଟ୍ରପତି ଟ୍ରମ୍ପ ଏବଂ ମୁଁ ସହମତ ଯେ ଆମର ବାଣିଜ୍ୟ ମନ୍ତ୍ରୀଙ୍କ ମଧ୍ୟରେ ଯେଉଁ ବୁଝାମଣା ସୃଷ୍ଟି ହୋଇଛି ତା'କୁ ଆମର ଟିମ ଆଇନଗତ ରୂପ ଦେଉ। ଆମେ ଏକ ବଡ଼ ବାଣିଜ୍ୟ ଚୁକ୍ତି ଲାଗି ଆଲୋଚନା ଆରମ୍ଭ କରିବା ଲାଗି ସହମତ ହୋଇଛୁ। ଆମର ଆଶା ଯେ ଆପୋସ ହିତରେ ଏହାର ଉତମ ପରିଣାମ ମିଳିବ ।ବିଶ୍ୱସ୍ତରରେ ଭାରତ ଏବଂ ଆମେରିକାର ସହଯୋଗ ଆମର ସମାନ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ଉଦ୍ଦେଶ୍ୟ ଉପରେ ଆଧାରିତ। ବିଶେଷ କରି ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ବିଶ୍ୱ ପରିଦୃଶ୍ୟରେ ନିୟମ ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥା ଲାଗି ଏହି ସହଯୋଗ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଆମର ଦୁଇ ଦେଶ ଯୋଗାଯୋଗ ଭିତିଭୂମି ବିକାଶରେ ସ୍ଥାୟୀ ଏବଂ ପାରଦର୍ଶୀ ପାଣ୍ଠି ଯୋଗାଣର ମହତ୍ୱ ଉପରେ ସହମତ ହୋଇଛୁ। ଆମର ଏହି ଆପୋସ ତାଳମେଳ କେବଳ ପରସ୍ପର ପାଇଁ ନୁହେଁ, ବରଂ ବିଶ୍ୱ ପାଇଁ ମଧ୍ୟ କଲ୍ୟାଣକାରୀ। ଭାରତ ଏବଂ ଆମେରିକାର ଏହି ସ୍ୱତନ୍ତ୍ର ବନ୍ଧୁତାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ମୂଳଦୁଆ ହେଉଛି ଆମ ନାଗରିକମାନଙ୍କ ମଧ୍ୟରେ ସମ୍ପର୍କ। ପେସାଦାର ହୁଅନ୍ତୁ ଅବା ଛାତ୍ରଛାତ୍ରୀ, ଆମେରିକାରେ ପ୍ରବାସୀ ଭାରତୀୟଙ୍କ ଏ ଦିଗରେ ସବୁଠୁ ବଡ଼ ଯୋଗଦାନ ରହିଛି। ଭାରତର ଏହି ରାଷ୍ଟ୍ରଦୂତମାନେ କେବଳ ନିଜ ପ୍ରତିଭା ଏବଂ ପରିଶ୍ରମ ବଳରେ ଆମେରିକାର ଅର୍ଥବ୍ୟବସ୍ଥାରେ ଯୋଗଦାନ ଦେଉନାହାନ୍ତି, ବରଂ ନିଜ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସମୃଦ୍ଧ ସଂସ୍କୃତି ଦ୍ୱାରା ଆମେରିକୀୟ ସମାଜକୁ ମଧ୍ୟ ସମୃଦ୍ଧ କରୁଛନ୍ତି। ମୁଁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଅନୁରୋଧ କରିଛି ଯେ ଆମର ପେସାଦାରଙ୍କ ସାମାଜିକ-ସୁରକ୍ଷା ଯୋଗାଦାନର ଟୋଟାଲାଇଜେସନ ରାଜିନାମା ଉପରେ ଆଲୋଚନାକୁ ଉଭୟ ପକ୍ଷ ଆଗକୁ ନିଅନ୍ତୁ। ଏହା ପରସ୍ପର ପାଇଁ ଲାଭଦାୟକ ହେବ।








# ଟି ଟାଇମ୍ସ

## ତନିଷ୍କ ପକ୍ଷରୁ ‘ବିରାସତ୍’ କଲେକ୍ସନ୍‌ର ଉନ୍ମୋଚନ ତଥା ସ୍ୱତନ୍ତ୍ର ଗ୍ରାହକ ଭାବ ବିନିମୟ କାର୍ଯ୍ୟକ୍ରମ


(ଫଟୋ: ଶୁଭେନ୍ଦୁ)

ଭୁବନେଶ୍ୱର: ଦେଶର ବହୁ ଭରସାଯୋଗ୍ୟ ଗହଣା ବ୍ରାଣ୍ଡ ତନିଷ୍କ ପକ୍ଷରୁ ଆଜି ’ବିରାସତ୍’ କଲେକ୍ସନ୍‌ର ବଜାର ପ୍ରବେଶ କରାଯାଇଛି । ଏହି ଅବସରରେ ଭୂବନେଶ୍ୱରସ୍ଥ ତନିଷ୍କ ଷ୍ଟୋର୍‌ରେ ଏକ ସ୍ୱତନ୍ତ୍ର ଗ୍ରାହକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍‌ରେ ଏହି ଉପଲକ୍ଷେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି ଏବଂ ଏଥି ସହ ଏଠାରେ ଗ୍ରାହକଙ୍କ ପାଇଁ ତନିଷ୍କର ନୂଆ କଲେକ୍ସନ୍‌କୁ ମଧ୍ୟ ପ୍ରଦର୍ଶିତ କରାଯାଇଛି । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଗ୍ରାହକଙ୍କ ସହ ନିଜକୁ କିପରି ଅଧିକ ଜଡିତ କରାଇବା । କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଥିଲା ର୍ୟାମ୍ପ ୱାକ୍ । ମଡେଲର୍ ତଥା ଗ୍ରାହକମାନେ ରିଭା, ଅହଲ୍ୟା ଏବଂ ’ବିରାସତ୍’ କଲେକ୍ସନ୍‌କୁ ପିନ୍ଧି ର୍ୟାମ୍ପରେ ଚାଲିଥିଲେ । ଭିଗ୍‌ନା ବ୍ୟାଣ୍ଡ୍ ଦ୍ୱାରା ଏକ ମନୋରଂଜନଭରା ପର୍ଫମାନ୍ସ ପରେ ରାତ୍ରି ଭୋଜନର ମଧ୍ୟ ବ୍ୟବସ୍ଥା ହୋଇଥିଲା । ଏହି ପରିପ୍ରେକ୍ଷୀରେ ତନିଷ୍କ ପକ୍ଷରୁ ଏକ ଅଫର ମଧ୍ୟ ଘୋଷଣା କରାଯାଇଛି । ଏହି ଅଫର ମାଧ୍ୟମରେ ଗ୍ରାହକମାନେ ସୁନା ଗହଣାର ଗଢା ମୂଲ୍ୟରେ ଶତକଡା ୨୫ଭାଗ ପର୍ଯ୍ୟ‘ ରିହାତି ଏବଂ ହୀରା ଗହଣାର ମୂଲ୍ୟରେ ଶତକଡା ୨୦ଭାଗ ପର୍ଯ୍ୟନ୍ତ ରିହାତି ପାଇପାରିବେ । ଆଜି ସନ୍ଧ୍ୟାରେ ଆୟୋଜିତ ଗ୍ରାହକ ତଥା ପ୍ରେସ୍‌ମିଟ୍‌ରେ ତନିଷ୍କର ଗ୍ରାହକ ଏକ୍ସପେରିଏନ୍ସ ମୁଖ୍ୟ ଅନୁପମ ଶାହା ସ୍ୱାଗତ ଭାଷଣ ଦେବା ସହ ନିଜର ଅନୁଭୂତିକୁ ନେଇ କହିଥିଲେ ଯେ, ଗ୍ରାହକଙ୍କ ସହ ସମ୍ପର୍କକୁ ତନିଷ୍କ ସଦା ସର୍ବଦା ଅଗ୍ରାଧିକାର ଦେଇଥାଏ । ଗ୍ରାହକ ଆମ ହୃଦୟ ସହ ଜଡିତ । ଭୂବନେଶ୍ୱର ଆମ ପାଇଁ ରଣନୀତିକ ଗୁରୁତ୍ୱ ବହନ କରେ । ଏଣୁ ’ବିରାସତ୍’ କଲେକ୍ସନ୍‌ର ବଜାର ପ୍ରବେଶ ଅବସରରେ ଆମେ ଏହି ଗ୍ରାହକ ମିଟ୍‌ର ଆୟୋଜନ କରିଛୁ । ତନିଷ୍କର ଗହଣା ପିନ୍ଧି ର୍ୟାମ୍ପରେ ଚାଲିବା ସମୟରେ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ସ୍ପଷ୍ଟ ବାରି ହୋଇ ପଡୁଥିଲା ବୋଲି ଶ୍ରୀ ଶାହା କହିଛନ୍ତି । ଗ୍ରାହକଙ୍କୁ ସବୁଠାରୁ ଭଲ ଅଫର୍ ପ୍ରଦାନ କରି ସେମାନଙ୍କୁ ପ୍ରତି ମୂହୁର୍ତରେ ଏକ ସ୍ୱତନ୍ତ୍ର ଅନୁଭବ କରାଇବା ତନିଷ୍କର ଲକ୍ଷ୍ୟ । ଉକ୍ତ କ୍ରମରେ ଏହି ଗ୍ରାହକ ଭାବ ବିନିମୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ବୋଲି ଶ୍ରୀ ଶାହା ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ଗ୍ରାହକଙ୍କୁ ସର୍ବୋତମ ତଥା ଶୁଦ୍ଧ ଗହଣା ଯୋଗାଇବା ଉପରେ ତନିଷ୍କ ସବୁବେଳେ ବିଶ୍ୱାସ କରିଥାଏ । ଏହି କ୍ରମରେ ଦେଶରେ ଥିବା ସମସ୍ତ ତନିଷ୍କ ଷ୍ଟୋର୍‌ରେ କ୍ୟାରେଟ୍‌ମିଟର ରହିଥିବା ଶୋ’ ରୁମ୍ ପକ୍ଷରୁ ଏଠାରେ ପ୍ରକାଶ କରାଯାଇଛି ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# କୃତ୍ରିମ ଜଳପ୍ରପାତ

ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲିଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# ରକ୍ତଜନିତ ରୋଗ ହେମୋଫିଲିଆ



ହେମୋଫିଲିଆ ହେଉଛି ଏକ ରକ୍ତଜନିତ ରୋଗ। ଗ୍ରୀକ୍ ଶବ୍ଦ ହାମିଆ ଓ ଫିଲିଆକୁ ନେଇ ଗଠିତ ହୋଇଛି ହେମୋଫିଲିଆ। ହେମିଆ ଅର୍ଥ ବ୍ଲଡ଼ ବା ରକ୍ତ ଏବଂ ଫିଲିଆ ଅର୍ଥ ଫ୍ରେଣ୍ଡ ବା ବନ୍ଧୁ। ଏହି ରୋଗ ହେଲେ ରକ୍ତ ସହଜରେ ଜମାଟ ବାନ୍ଧିନଥାଏ। କାରଣ ହେମୋଫିଲିଆରେ ଜଣେ ଆକ୍ରାନ୍ତ ହେଲେ ରକ୍ତ ଜମାଟ ବାନ୍ଧିବା ପାଇଁ ଆବଶ୍ୟକ ହେଉଥିବା ପ୍ରୋଟିନ୍ କ୍ଷରଣ ବାଧାପ୍ରାପ୍ତ ହୋଇଥାଏ। କେତେକ କ୍ଷେତ୍ରରେ ଦେଖାଯାଏ ଏପରିକି ନବଜାତକ ପିଲାଟି ଜନ୍ମ ହେବା ବେଳେ ନାହିରୁ ରକ୍ତ କ୍ରମାଗତ ବାହାରିଥାଏ। ଏହା ହେମୋଫିଲିଆର ପ୍ରଧାନ ଲକ୍ଷଣ। ଏ କ୍ଷେତ୍ରରେ ଜଣଙ୍କର ରକ୍ତ ପରୀକ୍ଷାରୁ ସବିଶେଷ ଜଣାପଡ଼ିବା ପରେ ଫ୍ୟାକ୍ଟର-୮ ବା ଫ୍ୟାକ୍ଟର-୯ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଏ। ଅନେକ ମୁମୂର୍ଷୁ ରୋଗୀମାନଙ୍କୁ ରକ୍ତ ଦେବାକୁ ପଡ଼ିଥାଏ। ବେଳେବେଳେ କୌଣସି ସ୍ଥାନରେ ଆଘାତ ହେଲେ ସେହି ସ୍ଥାନର ଭିତର ଭାଗରେ ରକ୍ତ କ୍ଷରଣ ହୋଇଥାଏ କିନ୍ତୁ ହେମୋଫିଲିଆ ହୋଇଥିଲେ ଏହି ରକ୍ତ ଜମାଟ ବାନ୍ଧିନଥାଏ। ସାଧାରଣତଃ ହିମୋଫିଲିଆକୁ ତିନି ଭାଗରେ ବିଭକ୍ତ କରାଯାଇଛି। ଯଥା ହେମୋଫିଲିଆ-ଏ, ହେମୋଫିଲିଆ-ବି ଓ ସି।

ବର୍ତ୍ତମାନ ଦେଖାଯାଉଥିବା ହେମୋଫିଲିଆ ରୋଗୀଙ୍କ ମଧ୍ୟରେ ପ୍ରାୟ ୭୦ ଭାଗ ଟାଇପ୍-ଏ ବର୍ଗର। ରକ୍ତରେ 'ଥ୍ରୋମ୍ବୋପ୍ଲାଷ୍ଟିନ୍' ନାମକ ଉପାଦନ କମ୍ ହେଲେ ହିମୋଫିଲିଆ ବା ରକ୍ତସ୍ରାବ ନାମକ ରୋଗ ହୋଇଥାଏ । ଏହା ଏକ ଆନୁବଂଶିକ ରୋଗ। ଏହି ରୋଗର ଶିକାର ହେଉଥିବା ରୋଗୀ ଶରୀରର ବାହ୍ୟ ଅଂଶରେ ରକ୍ତ ବାହାରିଲେ ତାହା ସହଜରେ ଜମାଟ ବାନ୍ଧି ନଥାଏ । ଫଳରେ ରୋଗୀ ଶରୀରରେ ଥରେ କ୍ଷତ କିମ୍ବା ଚୋଟ ସୃଷ୍ଟି ହେଲେ ରକ୍ତସ୍ରାବ କମିନଥାଏ । ଏହାଦ୍ୱାରା ରୋଗୀ ରକ୍ତ ହରାଇ ଦୁର୍ବଳ ହୋଇପଡ଼ିଥାଏ । ଶରୀରରେ ନୀଳ ଦାଗ ଦେଖାଦେବା, ନାକ ଓ ଆଖିରୁ ରକ୍ତ ବାହାରିବା ଏହି ରୋଗର ଲକ୍ଷଣ। ଅନେକ ହୁଏତ ଜାଣିନାହାଁନ୍ତି ହେମୋଫିଲିଆ ଏକ ମାରାତ୍ମକ ରୋଗ। ଚିକିତ୍ସା ବିଜ୍ଞାନରେ ଯଥେଷ୍ଟ ଉନ୍ନତି ଘଟିଥିଲେ ମଧ୍ୟ ଅନେକ କ୍ଷେତ୍ରରେ ଏହି ରକ୍ତଜନିତ ରୋଗରେ ଜଣେ ପୀଡ଼ିତ ହୋଇ ସଠିକ୍ ଚିକିତ୍ସାରୁ ବଞ୍ଚିତ ହୋଇଥାନ୍ତି। ଆଉ ଏହା ପାଇଁ ଦାୟୀ ହେଉଛି ସଚେତନତା।

ହେମୋଫିଲିଆ ପରି ରୋଗରୁ ଉପଶମ ପାଇବା ଲାଗି ଏହାର ଠିକ୍ ଉପାୟରେ ଚିକିତ୍ସା କରାଯିବା ଦରକାର। ୱାର୍ଲଡ଼ ଫେଡ଼େରେସନ ଅଫ ହେମୋଫିଲିଆ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ୧୯୮୯ରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ସେହିଦିନଠାରୁ ପ୍ରତିବର୍ଷ ଅପ୍ରେଲ ସତରରେ ବିଶ୍ୱ ହେମୋଫିଲିଆ ଦିବସ ପାଳିତ ହୋଇଆସୁଅଛି। କିନ୍ତୁ ଏପରି ଦିନରେ ଉକ୍ତ ଦିବସ ପାଳିତ ହେବାପଛରେ ଏହାର ତାତ୍ପର୍ଯ୍ୟତା ରହିଛି। ଅପ୍ରେଲ ସତର ହେଉଛି ୱାର୍ଲଡ଼ ଫେଡ଼େରସନ ଅଫ୍ ହେମୋଫିଲିଆର ପ୍ରତିଷ୍ଠାତା ଫ୍ରାଙ୍କ ସ୍ନାବେଲଙ୍କ ଜନ୍ମଦିନ। ସମଗ୍ର ବିଶ୍ୱରେ ବିଶେଷକରି ପିଲାମାନଙ୍କ ଠାରେ ଏପରି ରୋଗର ଭୟାବହତାକୁ ପ୍ରତିହତ କରିବା ପାଇଁ ଉଦ୍ୟମ କରିଥିଲେ ଫ୍ରାଙ୍କ୍ ସ୍ନାବେଲ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପ୍ରକାଶିତ ରିପୋର୍ଟ ଅନୁଯାୟୀ ପାଖାପାଖି ୮୦ପ୍ରତିଶତ ହେମୋଫିଲିଆରୁ ରୋଗୀ ସଠିକ୍ ଓ ଉପଯୁକ୍ତ ଚିକିତ୍ସା ପାଇପାରି ନ ଥାନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଜନସଚେତନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ରୋଗରେ ପ୍ରାୟ ପୁରୁଷମାନେ ଆକ୍ରାନ୍ତ ହେବାର ଦେଖିବାକୁ ମିଳିଥାଏ। ଏହାକୁ ଏକ ବଂଶଗତ ରୋଗ କହିଲେ ଅତ୍ୟୁକ୍ତି ହେବନାହିଁ। ସାଧାରଣତଃ ଦେଖିବାକୁ ଗଲେ ମହିଳାଙ୍କ ଠାରେ ଏହି ରୋଗ ପ୍ରାୟ ହୁଏନାହିଁ। ଯଦି କୌଣସି ମହିଳାଙ୍କ ପରିବାରରେ କିମ୍ବା ତାଙ୍କ ମାମୁ ଘରେ କାହାକୁ ଏହି ରୋଗ ହୋଇଥାଏ ତେବେ ତାଙ୍କୁ ହେବାର ଆଶଙ୍କା ରହିଛି। ହିମୋଫିଲିଆ ହେବା ଦ୍ୱାରା କୌଣସି ସ୍ଥାନରେ ଯଦି ଖଣ୍ଡିଆ ହୋଇଯାଏ ତେବେ ସେଠାରୁ ଅନବରତ ରକ୍ତସ୍ରାବ ହୋଇଥାଏ ସମ୍ପୃକ୍ତ ବ୍ୟକ୍ତି ଯଦି ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି ତେବେ ତାଙ୍କ ରକ୍ତ ଜମାଟ ବାନ୍ଧେ ନାହିଁ।

ସଂପ୍ରତି ସମାଜରେ ଏହାର ଭୟାବହତା ଦେଖା ଦେଇଥିବାବେଳେ ଜନସଚେତନତାକୁ ଗୁରୁତ୍ୱ ଦିଆଯାଇଛି। ଶିକ୍ଷିତ ବ୍ୟକ୍ତିମାନେ ଏ ବିଷୟରେ ଅଳ୍ପ ବହୁତ ଜାଣିଥିବାବେଳେ ଅନେକ ଏହାର କାରଣ ଓ ସଚେତନତା ସମ୍ପର୍କରେ ଜାଣିନଥାନ୍ତି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସଂପ୍ରତି ଏହାର ଦୃଢ଼ ମୁକାବିଲା ପାଇଁ ସଚେତନତା ସହ ରାଜ୍ୟର ବଡ଼ଡାକ୍ତରଖାନା, ଜିଲ୍ଲା ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା ନିରୀକ୍ଷା ଓ ମାଗଣା ଔଷଧ ପ୍ରଦାନର ପର୍ଯ୍ୟାପ୍ତ ବ୍ୟବସ୍ଥା ରଖିଛନ୍ତି। ଏ ରୋଗର ଶିକାର ହୋଇଥିବା ଜଣେ ରୋଗୀ ଏ ନେଇ କୌଣସି ଭୟଭୀତ ହେବାର କାରଣ ନାହିଁ। ପ୍ରଥମରୁ ହିଁ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏହା ପରବର୍ତ୍ତୀ ସମୟରେ ରୋଗଟି ଆୟତ୍ତାଧୀନ ହୋଇପାରିବ। ନିକଅତୀତଟରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ହେମାଟୋଲୋଜି ବିଭାଗ ତରଫରୁ ହେମୋଫିଲିଆ ରୋଗୀଙ୍କ ପାଇଁ ଦିବସବ୍ୟାପୀ ଆଲୋଚନାଚକ୍ର ଓ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଭାରତର ହେମୋଫିଲିଆ ଫେଡେରେସନର ଜାତୀୟ ସଭାପତି ବିକାଶ ଚନ୍ଦ୍ର ଗୋଏଲ ଓ ଉପସଭାପତି ମୁକେଶ ଗରୋଡିଆ, ରାଜ୍ୟ ହେମୋଫିଲିଆ ସୋସାଇଟି ପକ୍ଷରୁ ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗ ଦେବା ସହ ଏହି ଅବସରରେ ହେମୋଫିଲିଆ ରୋଗୀଙ୍କ ଘରେ ଚିକିତ୍ସା (ହୋମ ଟ୍ରିଟମେଣ୍ଟ) ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଚିକିତ୍ସା ବିଷୟରେ ଆଲୋକପାତ କରିଥିଲେ ବିକାଶ ଚନ୍ଦ୍ର ଗୋଏଲ, ମୁକେଶ ଗରୋଡ଼ିଆ ଓ ରକ୍ତ ବିଭାଗର ବିଶିଷ୍ଟ ଚିକିତ୍ସକ ଡାକ୍ତର ନରେଶ ପଟ୍ଟନାୟକ, ଡାକ୍ତର ରାଜୀବ ନାୟକ ପ୍ରମୁଖ। ଓଡ଼ିଶା ହେଉଛି ସମଗ୍ର ଭାରତ ବର୍ଷ ଭିତରେ ପ୍ରଥମ ରାଜ୍ୟ ଯେଉଁଠାରେ କି ହେମୋଫିଲିଆ ରୋଗର ହୋମ ଟ୍ରିଟ୍‌ମେଣ୍ଟକୁ ଓଡ଼ିଶା ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ଓଡ଼ିଶା ମଡ଼େଲକୁ ସର୍ବଭାରତୀୟ ସ୍ତରରେ ଉପସ୍ଥାପନ କରିବା ପାଇଁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ରକ୍ତ ରୋଗ ବିଭାଗର ସହକାରୀ ପ୍ରଫେସର ଡାକ୍ତର ରାଜୀବ ନାୟକ ନୂଆଦିଲ୍ଲୀ ଠାରେ ଏକ ସର୍ବଭାରତୀୟ ସମ୍ମିଳନୀରେ ଉପସ୍ଥାପନ କରିଥିଲେ। ଚିକିତ୍ସାବେଳେ ରୋଗୀଟିକୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଏବଂ ସଫାସୁତୁରା ପରିବେଶରେ ରହିବା ପାଇଁ ପରାମର୍ଶ ଦିଅନ୍ତୁ। ଠିକ୍ ସମୟରେ ବିଶେଷଜ୍ଞଙ୍କ ପରାମର୍ଶରେ ଔଷଧ ଖାଇବା ସହ ବିଶ୍ରାମ ନେଲେ ହେମୋଫିଲିଆକୁ ନେଇ ଆଉ କୌଣସି ଡର ରହିବ ନାହିଁ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,**
**ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

## ମା' ସିଦ୍ଧି ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଭୁବନେଶ୍ୱର (ପିଏନ୍): ଝାରପଡ଼ାସ୍ଥିତ ନିଳାଦ୍ରୀ ନଗର ମଙ୍ଗରାଜ ଛକଠାରେ ମା' ସିଦ୍ଧି ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସୋମବାର ଦିନ ଅପରାହ୍ନ ୪.୩୦ ମିନିଟ୍ ସମୟରେ ଆଜ୍ଞାମାଳ ଓ ଅଖଣ୍ଡଜ୍ୟୋତି ମଣ୍ଡପ ପ୍ରବେଶ କରିବା ସହିତ ଅଙ୍କୁରା ରୋପଣ, ଅଧିବାସ କର୍ମ ଓ ମଣ୍ଡଳୀକରଣ ସମ୍ପନ୍ନ ହୋଇଛି। ମଙ୍ଗଳବାର କଳସ ଯାତ୍ରା, ପଞ୍ଚକର୍ମ, ଧରିତ୍ରୀ ପୂଜା, ସୂର୍ଯ୍ୟ ପୂଜା ହେବାକୁ ଥିବାବେଳେ ବୁଧବାର ଗୁରୁପୂଜା, ମନ୍ଦିର ନ୍ୟାସ, ଶିଖର କଳସ ପ୍ରତିଷ୍ଠା, ଦେବତା ନ୍ୟାସ ଓ ପ୍ରାଣ ପ୍ରତିଷ୍ଠା ଅନୁଷ୍ଠିତ ହେବ। ଏଥିସହିତ ଗୁରୁବାର ଦିନ ନବଯୌବନ ଦର୍ଶନ, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀପାଠ, ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ସହିତ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଭୁବନେଶ୍ୱର ସହିତ ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଯୋଗଦେବେ ବୋଲି ନିଳାଦ୍ରୀ ନଗର ୱେଲଫେୟାର ଟ୍ରଷ୍ଟର ସଭାପତି ଶ୍ରୀଯୁକ୍ତ ଗୋରାଚାନ୍ଦ ମଙ୍ଗରାଜ, ସମ୍ପାଦକ ପୁରୁଷୋତ୍ତମ ପାଇକରାୟ, ବିଶିଷ୍ଟ ସମାଜସେବୀ ବିକ୍ରମ ପାତ୍ର, ମନ୍ଦିର ଟ୍ରଷ୍ଟ ସଭାପତି ସୁକାନ୍ତ ଆଚାର୍ଯ୍ୟ, ସମ୍ପାଦକ ଶଶୀଭୂଷଣ ମହାପାତ୍ର ଏବଂ ଉପସଭାପତି ଶିବ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

## ସଡ଼କ ଦୁର୍ଘଟଣାରେ ଡାକ୍ତର ମୃତ ଓ ବିଭିନ୍ନ ମହଲରୁ ଶୋକ



ବ୍ୟାସନଗର (ପି.ଏନ): ସ୍ଥାନୀୟ ବ୍ୟାସନଗର ଉଚ୍ଚବିଦ୍ୟାଳୟର ୧୯୮୭ ମାଟ୍ରିକ୍ ବ୍ୟାଚର ଛାତ୍ର ଜର୍ନାଦ୍ଦନ ନାୟକ ଜଣେ ମେଧାବୀ ଓ ଶୃଙ୍ଖଳିତ ଛାତ୍ର ଥିଲେ। ନିଜର ଅଧ୍ୟବସାୟ ବଳରେ ସେ ଭୁବନେଶ୍ୱରରେ ଜଣେ ଚିକିତ୍ସକ ଭାବେ କାର୍ଯ୍ୟରତ ଥିଲେ। ସେ ଗତ ୦୭ ତାରିଖରେ ନିଜ କାର ଯୋଗେ ଯାଉଥିବାବେଳେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲ୍ଲାର ବାଡାଙ୍ଗୀ ଥାନା ନିକଟରେ ସଡ଼କ ଦୁର୍ଘଟଣାର ଶିକାର ହୋଇ ବିଜୟନଗରମର ତିରୁମାଳା ହସପାତାଳରେ ଚିକିତ୍ସିତ ହେଉଥିଲେ। ହେଲେ ସେଠାରେ ତାଙ୍କର ଅବସ୍ଥା ଉଦ୍‌ବେଗଜନକ ହୋଇଥିଲା ଓ ଶେଷରେ ସେ ମୃତ୍ୟୁବରଣ କରିଥିଲେ। ଏ ଖବର ପହଚିଂବା ପରେ ସ୍ଥାନୀୟ ବ୍ୟାସନଗର ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା। ୧୯୮୭ ମସିହା ମାଟ୍ରିକ୍ ବ୍ୟାଚର ତାଙ୍କର ସହପାଠୀମାନେ ଶୋକ ପ୍ରକାଶ କରିଥିଲେ। ସେ ଭୁବନେଶ୍ୱରରେ ସପରିବାର ରହୁଥିବାବେଳେ ଯାଜପୁରରୋଡର ଚୋରଦା ସ୍ଥିତ ଜବାହାର ନୋଡାଲ ବିଦ୍ୟାଳୟ ନିକଟରେ ତାଙ୍କର ଘର ରହିଛି। ବିଭିନ୍ନ ମହଲରୁ ତାଙ୍କର ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଉଛି। ତାଙ୍କର ଶେଷକୃତ୍ୟ ଭୁବନେଶ୍ୱରର ସତ୍ୟନଗର ଶ୍ମଶାନରେ କରାଯାଇଛି।

# ଯିଏ ଯାହା କହୁ ଆମର ଢୋ...ନୀତିରେ ଚାଲିଛି କେନ୍ଦୁଝରର ବିଦ୍ୟୁତ୍ ବିଭାଗ

କେନ୍ଦୁଝର (ପିଏନ୍): ଆପଣମାନେ ଏ ପ୍ରକାର କିଂଭୁତକିମାକାର ଟାଇଟେଲ୍ ପଢି ଆମ ଉପରେ ଖପ୍ପା ହେବା ସ୍ୱାଭାବିକ; ମାତ୍ର ଏହା ଆମେ କହୁନାହୁଁ ଏହା ଜଣାପଡୁଛି କେନ୍ଦୁଝର ବିଦ୍ୟୁତ୍ ବିଭାଗର କାର୍ଯ୍ୟକଳାପରୁ । ଗୋଟିଏ ଛୋଟ ଅଭିଯୋଗ ନେଇ ଜଣେ ବ୍ୟକ୍ତି ବିଦ୍ୟୁତ୍ ବିଭାଗକୁ ଯାଇଥିଲେ । ଅଭିଯୋଗ ଥିଲା କି କେନ୍ଦୁଝର ସହରର ଏନ୍‌ଏସ୍ ପୋଲିସ୍ ହାଇସ୍କୁଲ ସମ୍ମୁଖରେ ଥିବା କଲେକ୍ଟୋରେଟ୍ ପାଚେରୀର ଲୁହା ବିମ୍‌କୁ ଲାଗି ଝୁଲିଥିବା ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାରକୁ ମରାମତି କରାଯିବା । କିନ୍ତୁ ଦୀର୍ଘଦିନ ବିତିଗଲା ପରେ ବି କୌଣସି ସୁଫଳ ପାଇପାରି ନଥିବା ଉକ୍ତ ବ୍ୟକ୍ତି ଜଣକ କେନ୍ଦୁଝର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସେପ୍ଟେମ୍ବର ମାସ ପ୍ରଥମ ସୋମବାରରେ ଏଡିଏମ୍‌ଙ୍କୁ ଦେଖାକରି ନିଜର ଅଭିଯୋଗ ଜଣାଇବା ପରେ ମାନ୍ୟବର ଏଡିଏମ୍ ମହୋଦୟ ନିଜେ ସେଠାରେ ଉପସ୍ଥିତ ଥିବା ବିଦ୍ୟୁତ୍ ବିଭାଗର କର୍ମକର୍ତ୍ତା ମାନଙ୍କୁ ସମସ୍ୟାଟିର ସମାଧାନ ନିମନ୍ତେ ମୌଖିକ ଆଦେଶ ଦେଇଥିଲେ ଏବଂ ଉପସ୍ଥିତ କର୍ମକର୍ତ୍ତାମାନେ ନିଜର ସ୍ୱୀକୃତି ପ୍ରଦାନ କରିଥିଲେ । ମାତ୍ର ଫଳ କିଛି ମିଳି ନ ଥିଲା । ସେହିପରି ଗୋଟିଏ ମାସ ବିତିଗଲା ପରେ ଉକ୍ତ ବ୍ୟକ୍ତି ଜଣକ ନିଜେ ଜିଲ୍ଲାପାଳଙ୍କ ସହ ଦେଖା କରି ଲିଖିତ ଭାବେ ନିଜର ଅଭିଯୋଗ ଜଣାଇଥିଲେ । ମାନନୀୟ ଜିଲ୍ଲାପାଳ ମହୋଦୟ ସମାନ ଭାବେ ନିର୍ଦ୍ଦେଶ ଜାରି କରିବାର ପ୍ରତିଶ୍ରୁତି ଦେବା ପରେ ସଂପୃକ୍ତ ବ୍ୟକ୍ତି ଜଣକ ସେଠାରୁ ଫେରି ଆସିଥିଲେ । ଅଦ୍ୟ ଦିବସରେ ମାନ୍ୟବର ଜିଲ୍ଲାପାଳ ଆଦେଶଜାରୀର ପାଖାପାଖି ଦୁଇମାସ ବିତି ଯାଇଥିଲେ ବି ବର୍ତ୍ତମାନ ପର୍ଯ୍ୟନ୍ତ ସେହିପରି ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି ବିଦ୍ୟୁତ୍ ତାର । ଏଠାରେ ଏକ ପ୍ରଶ୍ନ ଉଠେ କି ଯଦି ଜଣେ ଉପଭୋକ୍ତା ଠିକ୍ ସମୟରେ ବିଲ୍ ପୈଠ ନ କରୁଛି ତେବେ ବିଦ୍ୟୁତ୍ ବିଭାଗର କର୍ମକର୍ତ୍ତା ତଥା ସେଠାରେ ନିୟୋଜିତ ଖାକି ବର୍ଦ୍ଦିଧାରୀ ଓ ଦରକାର ପଡିଲେ ଇଲେକ୍ଟ୍ରିକ୍ ଭିଜିଲାନ୍ସ ବିଭାଗ ରେଡ୍ କରି ମନଇଚ୍ଛା ମୋଟା ଅଙ୍କର ଫାଇନ୍ ଆଦାୟ କରିବାର ଆଇନ୍ ଥିବାବେଳେ ଏହିପରି ନିଜର କର୍ତ୍ତବ୍ୟରେ ଅବହେଳା କରୁଥିବା ବିଭାଗୀୟ ଅଧିକାରୀ ତଥା ସଂପୃକ୍ତ କର୍ମଚାରୀ ମାନଙ୍କ ନିମନ୍ତେ କୌଣସି ଆଇନ୍ ଅଛି ନା ନାହିଁ ? ସବୁଠୁ ପରିତାପର ବିଷୟ ଏହିକି ଯେ ଉଭୟ ଏଡିଏମ୍ ଏବଂ ଜିଲ୍ଲାପାଳ ମହୋଦୟ ଜିଲ୍ଲାର ମାଜିଷ୍ଟ୍ରେଟ୍ ଭାବେ ପରିଗଣିତ ହେଉଥିବା ସତ୍ତ୍ୱେ ବି ଜଣେ ନୁହେଁ ଦୁଇ ଦୁଇ ଜଣ ମାଜିଷ୍ଟ୍ରେଟ୍‌ଙ୍କ ଆଦେଶକୁ କେମିତି ଭାବେ ବିଦ୍ୟୁତ୍ ବିଭାଗ କାର୍ଯ୍ୟକାରୀ କରୁନାହିଁ ? ଏବଂ ଉକ୍ତ ବିଭାଗର ଏହିପରି କାର୍ଯ୍ୟ ଯୋଗୁଁ ସଂପୃକ୍ତ ମାଜିଷ୍ଟ୍ରେଟ୍‌ମାନଙ୍କର କ'ଣ ସମ୍ମାନ ରହୁଛି ?

## ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରମଦାନ ଶିବିର



ଭୁବନେଶ୍ୱର (ପିଏନ୍): ମହାଶିବରାତ୍ରି ପରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ ଏକ ସ୍ୱେଚ୍ଛାକୃତ ଶ୍ରମଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାଶିବରାତ୍ରିରେ ଶ୍ରଦ୍ଧାଳୁ ଓ ଭକ୍ତମାନେ ଛାଡ଼ି ଯାଇଥିବା ଦୀପ, ବେଲପତ୍ର, ଫୁଲ, କୁଡୁଆ, ପଲିଥିନ୍ ଆଦିକୁ ସ୍ୱେଚ୍ଛାସେବୀ-ମାନେ ପରିଷ୍କାର କରିଥିଲେ। ଏତଦ୍‌ସହ ମନ୍ଦିରର ଗର୍ଭଗୃହ ଓ ମନ୍ଦିର ପରିସରରେ ଜମା ହୋଇ ରହିଥିବା କୁଢ଼ କୁଢ଼ ବର୍ଜ୍ୟ ଗୁଡ଼ିକୁ ସଫା କରି ବାହାରେ ନେଇ ପକାଇଥିଲେ। ୨୦୦୩-୨୦୨୦ ମସିହା ଦୀର୍ଘ ୧୮ ବର୍ଷ ଧରି ପରିବେଶ, ପରିମଳ, ଜାତୀୟ ଐତିହ୍ୟ, କୀର୍ତ୍ତିରାଜିର ସୁରକ୍ଷା ସହ ଆଧ୍ୟାତ୍ମିକ ଚିନ୍ତାଧାରାରେ ସାମିଲ୍ କରିବା ଉଦ୍ଦେଶ୍ୟରେ ପରିବେଶବିତ୍ ତଥା ସାମାଜିକ କର୍ମୀ ସୁଶାନ୍ତ ସାହୁ ନିରନ୍ତର ଓ ନିରବଚ୍ଛିନ୍ନ ଭାବେ ଏହି ଶ୍ରମଦାନ କାର୍ଯ୍ୟକ୍ରମ କରି ଆସୁଛନ୍ତି। ଏହି ଶ୍ରମଦାନ ଶିବିରରେ ବିଭିନ୍ନ ସାମାଜିକ ସଂଗଠନ ସାମିଲ୍ ହୋଇଥିଲେ। ଚଳିତବର୍ଷ ମିସିଙ୍ଗ୍ ଫାଉଣ୍ଡେସନ୍, ସୁରେନ୍ଦ୍ର ନାଥ ଜେନା ଟ୍ରଷ୍ଟ, ନୂଆଦିଲ୍ଲୀର ସାମାଜିକ ସଂଗଠନ 'ଆଶ୍ରା', ଧଉଳି ଚରୁକଳା ମହାବିଦ୍ୟାଳୟର ଏନ୍.ଏସ୍.ଏସ୍. ଛାତ୍ରଛାତ୍ରୀ, କସ୍ତୁରବା ଶିକ୍ଷାଶ୍ରମର ସ୍କାଉଟ୍ ଆଣ୍ଡ ଗାଇଡ୍ସ, ବି.ଆଇ. ପ୍ରୋଫେସନାଲ୍ସ, ଶ୍ରୀ ସତ୍ୟସାଇ ସେବା ସମିତି, ଭୁବନେଶ୍ୱର ଇତ୍ୟାଦିର ସ୍ୱେଚ୍ଛାସେବୀମାନେ ଏଥିରେ ସାମିଲ୍ ହୋଇଥିଲେ। ଶିବିରକୁ ରଞ୍ଜନ କୁମାର ଦାସ, ପଞ୍ଚାନନ ସାମଲ, ପ୍ରତାପଚନ୍ଦ୍ର ପ୍ରଧାନ, ଗୋପୀମୋହନ ପଟ୍ଟନାୟକ, ଶ୍ରୀପତି ଆଚାର୍ଯ୍ୟ, ଶୁଭ୍ରାଂଶୁ ମହାନ୍ତି, ଗାଇଡ୍ କ୍ୟାପଟେନ୍ ଜ୍ୟୋତ୍ସ୍ନାରାଣୀ ନନ୍ଦ, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ମିହିରକାନ୍ତ ପ୍ରହରାଜ, ବିଶ୍ୱକାନ୍ତ ପଣ୍ଡା, ଲକ୍ଷ୍ମୀଧର ସ୍ୱାଇଁ, ବିଶ୍ୱଜିତ୍ ବେହେରା, ଅନୁପମା ପଣ୍ଡା, କେଶବ କୁମାର ଭୁଜବଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀମାନଙ୍କର ଏତାଦୃଶ କାର୍ଯ୍ୟ ଓ ନିରନ୍ତର ସେବାକୁ ଜନସାଧାରଣ ବେଶ୍ ପ୍ରଶଂସା କରିଥିଲେ।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀତାରେ ଏସ. ଅଜିତ କୁମାର ପାତ୍ର ଜିଲ୍ଲାସ୍ତରରେ ପ୍ରଥମ, ରାଜ୍ୟସ୍ତରରେ ୫ମ ସ୍ଥାନ ହାସଲ କରି ଗଞ୍ଜାମର ଗୌରବ ଆଣିଲେ

ବ୍ରହ୍ମପୁର (ପିଏନ୍): ଗଞ୍ଜାମ ଜିଲା ଅମେଚର ବଡିବିଲଡିଂ ଆସୋସିଏସନ ପକ୍ଷରୁ ରାଜେଶ ବଡିବିଲଡିଂ ଜିମ ସହଯୋଗରେ ଗଞ୍ଜାମ ଜିଲା ବରିଷ୍ଠ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀତା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ହିଲପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଆୟୋଜିତ ପ୍ରତିଯୋଗୀତାକୁ ବ୍ରହ୍ମପୁର ଏସପି ପିନାକ୍ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ଏଏସପି ପ୍ରଭାତ ରାଉତରାୟ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁକୁଡାଖଣ୍ଡି ବ୍ଲକ ଚେୟାରମ୍ୟାନ କାମାକ୍ଷା ପ୍ରସାଦ ପାତ୍ର, ପ୍ରସନ୍ନ କୁମାର ଦାଶ, ପୋଲସରା ଏନଏସି କାର୍ଯ୍ୟନିବାହୀ ଅଧିକାରୀ ଇନ୍ଦିରାମଣୀ ପଟ୍ଟନାୟକ ମଞ୍ଚାସୀନ ଥିଲେ। ବି. ଭେନୁଗୋପାଳ ରାଓ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଉମାଚରଣ ଶତପଥି, ସୋମନାଥ ନନ୍ଦ, ନାରାୟଣ ସାହୁ, ଏସ ରାଜେଶ ବାବୁ ଆଚାରୀ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ । ଆସୋସିଏସନର ସଭାପତି ସତ୍ୟନାରାୟଣ ସ୍ୱାଇଁ, ପାଟ୍ରନ୍ ପ୍ରଦୀପ କୁମାର ଶତପଥି, ଯୁଗ୍ମ ସମ୍ପାଦକ ଗଙ୍ଗାଧର ପାତ୍ର, ଡି. ବ୍ରଜମୋହନ ପାତ୍ର, ଜଗନ୍ନାଥ ପ୍ରସାଦ ସାହୁ, ଦିଦିଲତା ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ । ଷ୍ଟେଜ୍ ମାର୍ସଲ ଭାବେ ସନ୍ତୋଷ କୁମାର ଆଚାରୀ, ଶିବ ଶଙ୍କର ସାହୁ, ଅମରଜିତ୍ ପଟ୍ଟନାୟକ, ଡ. ଶୁଭ୍ରାଂସୁ ଶେଖର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗୀତାରେ ଜିଲାର ବିଭିନ୍ନ ଅନୁଷ୍ଠାନର ୭୫ ଜଣ ପ୍ରତିଯୋଗୀତା ଭାଗନେଇଥିଲେ । ଏହି ପ୍ରତିଯୋଗିତାରେ ଏସ. ଅଜିତ କୁମାର ପାତ୍ର ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି ଗତ ଦୁଇଦିନ ଧରି ଭୁବନେଶ୍ୱରସ୍ଥିତ ଭଞ୍ଜ ମଣ୍ଡପ ଠାରେ ଅନୁଷ୍ଠିତ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଶ୍ରୀ ପାତ୍ର ୫ମ ସ୍ଥାନ ହାସଲ କରି ଗଞ୍ଜାମର ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ଜିଲ୍ଲା ଭାରୋତ୍ତଳନ ସଂଗଠନର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ରବି ରଥ ଶ୍ରୀ ପାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜିଲ୍ଲାରେ କରୋନା ଭୂତାଣୁ ପ୍ରବେଶ ଆଶଙ୍କା ରୋକିବାକୁ ଯାଜପୁର ସଚେତନ ନାଗରିକ ମଂଚ ପକ୍ଷରୁ ଦାବୀପତ୍ର



ବ୍ୟାସନଗର (ପି.ଏନ): ଚଳିତ ମାସ ୨୮, ୨୯ ଓ ଆସନ୍ତା ମାର୍ଚ୍ଚ ୦୧ ଓ ୦୨ ତାରିଖ ପର୍ଯ୍ୟନ୍ତ ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକର ବ୍ରହ୍ମବରଦା ଓ ଯାଜପୁରଠାରେ ବିଶ୍ୱ ମୁସଲିମ୍ ସମ୍ମିଳନୀ ହେବାକୁ ଯାଉଥିବାବେଳେ କରୋନା ଭୂତାଣୁ ପ୍ରଭାବିତ ଚୀନ ଦେଶରୁ କିଛି ପ୍ରତିନିଧି ଏଥିରେ ଯୋଗଦେବାକୁ ଆସୁଥିବାରୁ ସେମାନଙ୍କ ମାଧ୍ୟମରେ କରୋନା ଭୂତାଣୁ ଜିଲ୍ଲାରେ ପ୍ରବେଶ କରିବାର ସମ୍ଭାବନା ରହିଛି। ତେଣୁ ଅବସ୍ଥା ନ ସୁଧୁରିବା ପର୍ଯ୍ୟନ୍ତ ଏହି ସମ୍ମିଳନୀକୁ ଜିଲ୍ଲାରେ ନ କରିବାକୁ ଦାବୀ କରିଛି ଯାଜପୁର ସଚେତନ ନାଗରିକ ମଂଚ। copର ସଭାପତି କାହ୍ନୁଚରଣ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କର୍ମୀମାନେ ଦଶ୍ୱାଶମେଧ ଘାଟ ନିକଟରୁ ବିଭିନ୍ନ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଦାୟିତ୍ୱରେ ଥିବା ଜିଲ୍ଲାପାଳ ଇନ୍ଦ୍ରମଣି ନାୟକଙ୍କୁ ଦାବୀପତ୍ର ଦେଇଥିଲେ। ଏହି ସମୟରେ ଉପ-ଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ copର କଳିଙ୍ଗକେଶରୀ ମହାନ୍ତି, ଦୁଷ୍ମନ୍ତ କୁମାର ରାଉତ, ସୌଭାଗ୍ୟନନ୍ଦ ମିଶ୍ର, ବାମଦେବ ମିଶ୍ର, ପ୍ରଶାନ୍ତ ମିଶ୍ର, ନିତ୍ୟାନନ୍ଦ ମହାଳିକ, ସୁଦର୍ଶନ ନାୟକ, ଭୂପତି ଆଚାର୍ଯ୍ୟ, ବିଶ୍ୱରଂଜନ ସ୍ୱାଇଁ, ଧର୍ମେନ୍ଦ୍ର ବେହେରା, ଆଦିକନ୍ଦ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସଡ଼କ ଦୁର୍ଘଟଣାରୁ ବର୍ତ୍ତିଲେ ଦୁଇ ବିଦେଶୀ ପର୍ଯ୍ୟଟକ

ବାଲିଚନ୍ଦ୍ରପୁର (ପିଏନ୍): ଚଣ୍ଡିଖୋଲ-ପାରାଦ୍ୱୀପ ୫ ନଂ (କ) ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଏକ ଇନୋଭା କାର (ଓଡି ୦୨ ଏଚ୍ ୧୭୩୭) ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲେ ମଧ୍ୟ ସୌଭାଗ୍ୟବଶତଃ ଏଥିରେ ରହିଥିବା ଦୁଇ ବିଦେଶୀ ପର୍ଯ୍ୟଟକଙ୍କର କୌଣସି କ୍ଷତି ହୋଇନାହିଁ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ ଭୁବନେଶ୍ୱରରୁ ଏକ ଇନୋଭା କାର ଯୋଗେ ଫ୍ରାନ୍ସର ଦୁଇ ପର୍ଯ୍ୟଟକ ଡେଭିଡ ଆଜିମା ଓ ଅନ୍ୟଜଣେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ରାଜନଅର ପରିଦର୍ଶନ କରିବାକୁ ଯାଉଥିଲେ। ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଛକ ଉଏଣ୍ଡରସନ ବ୍ରିଜ୍ ନିକଟରେ ପୂର୍ବରୁ ରାସ୍ତା ମଝିରେ ଖରାପ ହୋଇ ଛିଡ଼ା ହୋଇଥିବା ଏକ କଳାପଥର ବୋଝେଇ ଟ୍ରକକୁ ଅତିକ୍ରମ କରୁଥିବା ସମୟରେ ବିପରୀତ ଦିଗରୁ ଏକ ଟ୍ରକ ମାଡ଼ି ଅସିଥିଲା। ଏଥିରେ ପର୍ଯ୍ୟଟକମାନଙ୍କ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ଉପରେ ଛିଡ଼ା ହୋଇଥିବା ଟ୍ରକ ସହ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଇନୋଭାଟି ଭାଙ୍ଗି ଚୁରମାର ହୋଇଥିଲେ ମଧ୍ୟ ଏହାର ଡ୍ରାଇଭର ଓ ଦୁଇ ବିଦେଶୀ ପର୍ଯ୍ୟଟକଙ୍କର କୌଣସି କ୍ଷତି ହୋଇ ନଥିବା ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ସହିତ ଉଭୟ ଗାଡ଼ିକୁ ଜବତ କରିଛି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com






# ମାଇକ୍ରୋସଫ୍ଟ ଭାରତରେ ବୈଷୟିକତାର ଉପଯୋଗରେ ଉନ୍ନତି ଆଣିଛି

ବାଙ୍ଗାଲୋର: ଫ୍ୟୁଚର ଡିକୋଡେଡ୍ : ଟେକ୍ ସମିଟ୍, ରେ ଭାରତୀୟ ଡେଭଲପର, ବୈଷୟିକବିତ୍ ଓ ଉଦ୍ୟୋଗର ଲିଡରମାନଙ୍କ ପାଇଁ କିପରି ଟେକ୍‌ନୋଲୋଜିର ବ୍ୟବହାର ଦ୍ୱାରା ସାରା ଦେଶର ବିଭିନ୍ନ ବ୍ୟବସାୟ ଓ ଗୋଷ୍ଠୀ ସଫଳତା ହାସଲ କରିପାରିଛିଁ ତାହାକୁ ଆଜି ପ୍ରଦର୍ଶିତ କରାଯାଇଥିଲା। ଭାରତରେ ବ୍ୟବସାୟୀ ଓ ଷ୍ଟାର୍ଟଅପ୍ ଗୁଡ଼ିକ ନୂତନ ନେତୃତ୍ୱଧାରୀ ଭାବରେ ସୃଷ୍ଟି ହେଉଛନ୍ତି। ଆଧୁନିକ ଟେକ୍‌ନୋଲୋଜିର ବ୍ୟବହାର ଦ୍ୱାରା କିପରି ବିକାଶ, ଉନ୍ନତ ଗ୍ରାହକ ସେବାର ପରିଚାଳନା କରଯାଇପାରୁଛି ତଥା ପରିବେଶୀୟ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଇ ପାରୁଛି ତାହା ପ୍ରମାଣିତ କରିଥିଲେ। ମାଇକ୍ରୋସଫ୍‌ଟର ସିଇଓ ସତ୍ୟ ନାଡେଲା ଭାରତକୁ ପରିଦର୍ଶନରେ ଆସିଥିବା ଅବସରରେ କହିଥିଲେ ଯେ ମାଇକ୍ରୋସଫ୍‌ଟର ଲକ୍ଷ୍ୟ ହେଉଛି ଟେକ୍‌ନୋଲୋଜି ମାଧ୍ୟମରେ ଅନୁଷ୍ଠାନଗୁଡ଼ିକୁ ଦ୍ରୁତ ବିକାଶ ପ୍ରଦାନ କରିବାରେ ସହାୟତା କରିବା। ଏହା ସହାୟତାରେ ଉଦ୍ୟୋଗ ଗୁଡ଼ିକ ଦ୍ରୁତ ଗତିରେ ବେଷ୍ଟ-ଇନ୍-କ୍ଲାସ ଟେକ୍‌ନୋଲୋଜିର ଗ୍ରହଣ କରୁଛନ୍ତି, ତାଙ୍କର ନିଜସ୍ୱ ଡିଜିଟାଲ୍ କ୍ଷମତା ନିର୍ମାଣ କରୁଛନ୍ତି ଓ ଟେକ୍‌ନୋଲୋଜି ତଥା କମ୍ପାନୀ ଉପରେ ବିଶ୍ୱାସ ସ୍ଥାପନ କରିପାରୁଛନ୍ତି। 'ଟେକ୍‌ନୋଲୋଜି ସହାୟତାରେ ଅର୍ଥନୀତିର ବିକାଶ କରିବା ପାଇଁ ଆମ ନିକଟରେ ପର୍ଯ୍ୟାପ୍ତ ସୁଯୋଗ ରହିଛି ଯାହାକି ସମନ୍ୱିତ, ବିଶ୍ୱସନୀୟ ଓ ସବୁସ୍ଥାନରେ ଉପଯୋଗୀ ଯେଉଁଥିରେ ଭାରତ ମଧ୍ୟ ଅ'ର୍ଭୁକ୍ତ' ବୋଲି କହିଛନ୍ତି ସତ୍ୟ ନଡେଲା, ସିଇଓ, ମାଇକ୍ରୋସଫ୍‌ଟ। ସେଥିପାଇଁ ଆମେ ଦେଶର ବିଭିନ୍ନ ଉଦ୍ୟୋଗର ନେତୃତ୍ୱଧାରୀମାନଙ୍କ ସହିତ ସହଭାଗୀତା ସ୍ଥାପନ କରୁଛୁ ଯଦ୍ୱାରା ସେମାନେ ସେମାନଙ୍କର ନିଜସ୍ୱ ଡିଜିଟାଲ୍ କ୍ଷମତା ନିର୍ମାଣ କରିପାରିବେ, ଅନୁଷ୍ଠାନରେ ପରିବର୍ତ୍ତନ ଆଣିପାରିବେ ତଥା ଏହି ନୂତନ ଯୁଗରେ ଅଧିକ ସଫଳତା ହାସଲ କରିପାରିବେ।'ଫ୍ୟୁଚର ଡିକୋଡେଡ୍ : ଟେକ୍ ସମିଟକୁ ସମ୍ବୋଧିତ କରି ନାଡେଲା ଭାରତର କେତେକ ଅନୁଷ୍ଠାନର ଉଦାହରଣ ଦେଇଥିଲେ।

# ଆସିଲା ବିଗ୍‌ବଜାରର 'ଦି ଗ୍ରେଟ୍ ଏକ୍ସଚେ' ଅଫର

ଭୁବନେଶ୍ୱର: ଭାରତର ଅଗ୍ରଣୀ ହାଇପର୍ ମାର୍କେଟ ସୃଙ୍ଖଳ ବିଗ୍ ବଜାର ପକ୍ଷରୁ 'ଦି ଗ୍ରେଟ୍ ଏକ୍ସଚେ' ଅଫରର ଘୋଷଣା କରାଯାଇଛି। ଏହି ଅଫର ସମୟରେ ଗ୍ରାହକମାନେ ସେମାନଙ୍କ ପୁରୁଣା ଜିନିଷକୁ ବଦଳ କରି ଆକର୍ଷଣୀୟ ରିହାତି କୁପନ ମାଧ୍ୟମରେ ନୂତନ ଜିନିଷ କ୍ରୟ କରିପାରିବେ। ଯେପରିକି ପୁରୁଣା ଖବରକାଗଜ ପାଇଁ ଗ୍ରାହକମାନେ କିଲୋ ପିଛା ୫୦ ଟଙ୍କାର, ବାସନକୁସନ କିଲୋ ପିଛା ୩୦୦ ଟଙ୍କାର ତଥା ଇଲେକ୍‌ଟ୍ରୋନିକ୍ ଉପକରଣରେ ସାମଗ୍ରୀ ପିଛା ୫୦୦୦ ଟଙ୍କା ପର୍ଯ୍ୟ' ରିହାତି ପାଇପାରିବେ। ଗ୍ରାହକମାନେ ଏକ୍ସଚେ ମୂଲ୍ୟକୁ ଆକଳନ କରିବା ପାଇଁ ଅନ୍‌ଲାଇନ୍ ଲିଙ୍କ http://bit.ly/2SguYpO କୁ ଯାଇପାରିବେ। ଏଥିସହିତ ସେମାନେ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟ' ୫୦ ଟଙ୍କା, ୧୦୦ ଟଙ୍କା ଓ ୨୫୦ ଟଙ୍କାର ରିହାତି କୁପନ ପାଇପାରିବେ।ଏହି ଅଫର୍ ବିଷୟରେ ଶ୍ରୀଯୁକ୍ତ ସଦାଶିବ ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଗ୍ ବଜାର ପ୍ରକାଶ କରିଛନ୍ତି, 'ଏକ ବ୍ରାଣ୍ଡ ଭାବରେ ଆମେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକଙ୍କ ସହିତ ଡିଲ କରିଥାଉ ଏବଂ ସମସ୍ତଙ୍କ ଘରେ ଥିବା ସମସ୍ୟାଗୁଡ଼ିକୁ ଆମେ ବୁଝିଥାଉ। ଆମେ ଆମର ଗ୍ରାହକମାନଙ୍କୁ ଉତ୍ତମ ଲାଭ ପ୍ରଦାନ କରିବାକୁ ଦୃଷ୍ଟିରେ ରଖି ଏହି ଏକ୍ସଚେ ଅଫର ଆଣିଛୁ। ଆଶା କରୁଛୁ ସବୁ ସମୟ ପରି ଏହି ମାସରେ ମଧ୍ୟ ଆମର ଗ୍ରାହକମାନେ ଏହିପରି ଏକ ଲାଭଦାୟକ ଅଫରର ସୁଯୋଗ ଉଠାଇବେ।'

# ମୋବିଲ୍ ପକ୍ଷରୁ 'ଦି ଇୟର-୮୩' ଫିଲ୍ମ ପାଇଁ ସ୍ୱତନ୍ତ୍ର ଯୋଜନା




ଭୁବନେଶ୍ୱର : ମୋବିଲ୍ ଲୁବ୍ରିକାଂଟ୍ ପକ୍ଷରୁ 'ଦି ଇୟର-୮୩' ଫିଲ୍ମର ରିଲଜ୍ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ଭାରତର ୮୩ ବିଶ୍ୱ କପ୍ କ୍ରିକେଟ ବିଜୟର ସ୍ମୃତି ବହୁଳ କାହାଣୀ ବଖାଣୁଥିବା ଏହି ଫିଲ୍ମକୁ ଦୃଷ୍ଟିରେ ରଖି 'ଫରକ୍ ଲାକର ଦେଖିଏ' ଅଭିଯାନ ଆରମ୍ଭ ହୋଇଛି। ଆଧୁନିକ ଇନିୟରିଂ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଥିବା ମୋବିଲ୍ ଲୁବ୍ରିକାଂଟ ଶ୍ରେଷ୍ଠତମ ସୁରକ୍ଷା ଦେବାକୁ ସକ୍ଷମ। ବ୍ରାଣ୍ଡର ଫରକ୍ ଲାକର ଦେଖିଏ ଅଭିଜାନ ଅ'ର୍ଗତ ଅନେକ କାର୍ଯ୍ୟକ୍ରମ ମଧ୍ୟରେ ୮୩ ମୁଭି ଆସୋସିଏସନ ଅନ୍ୟତମ ଯାହା ଅ'ର ଆଣିବା ଏବଂ ପରିବର୍ତ୍ତନକୁ ଦେଖିବା ସମ୍ବନ୍ଧରେ ବ୍ୟକ୍ତ କରୁଅଛି। ଏହାର ଅତ୍ୟାଧୁନିକ ପ୍ରଯୁକ୍ତି ଏବଂ ସୁରକ୍ଷା ଦେବା ପାଇଁ ଇନିୟରିଂ ଦକ୍ଷତା ମୋବିଲ କୁ ଲୁବ୍ରିକାଂଟ ଉତ୍ପାଦନ କ୍ଷେତ୍ରରେ ଆଗୁଆ ରଖିଛି। ଏହି ଅବସରରେ ଏକ୍ସନ୍‌ମୋବିଲ୍ ଲୁବ୍ରିକାଂଟ ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଦୀପଙ୍କର ବାନାର୍ଜୀ କହିଲେ, ମୋବିଲ୍ ଲୁବ୍ରିକାଂଟ ପ୍ରାଇଭେଟ୍ ଲିମିଟେଡ୍ ୮୩ ବିଶ୍ୱ କପ କ୍ରିକେଟର କାହାଣୀ ଏହି ଅଭିଯାନ ଅ'ର୍ଗତ ମନେପକାଇବ। କିଭଳି ୧୪ ଜଣ ଉତ୍ସାହୀ ଖେଳାଳି ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ ହୋଇ ଅନିଶ୍ଚିତ କ୍ରିକେଟ ଖେଳର ଗତିପଥକୁ ବଦଳାଇ ଦେଇଥିଲେ ତାହାର ସ୍ମୃତି ମୋବିଲ୍ ଲୁବ୍ରିକାଂଟ ସୂଚିତ କରୁଛି। ଭାରତର ବିଜୟ ନେଇ ମୋବିଲ୍ ଲ୍ୟୁବ୍ରିକାଂଟ ନିଜକୁ ବେଶ୍ ଗର୍ବିତ ମନେ କରୁଛି। 'ଫରକ୍ ଲାକର ଦେଖିଏ' ଅଭିଯାନର ଆରମ୍ଭ କରି ଆମେ ଉତ୍ସାହିତ। ଏହି ଫିଲ୍ମଟି ଦୀପିକା ପାଦୁକୋନ, କବୀର ଖାନ୍, ବିଷ୍ଣୁ ଇନ୍ଦୁରୀ, ସାଜିଦ୍ ନାଡିଆଡିୱାଲା, ଫ୍ୟାଂଟମ୍ ଫିଲ୍ମ, ରିଲାଏନ୍ସ ଏଂଟ୍ରଟେନ୍‌ମେଂଟ୍ ଏବଂ ୮୩ ଫିଲ୍ମ ଲିଃ. ଦ୍ୱାରା ନିର୍ମିତ ହୋଇଛି। ଏହାର ନିର୍ଦ୍ଦେଶନା କବୀର ଖାନ୍ ଦେଇଛନ୍ତି। ଫିଲ୍ମଟି ୨୦୨୦ ଏପ୍ରିଲ୍ ୧୦ରେ ହିନ୍ଦୀ, ତାମିଲ୍ ଏବଂ ତେଲୁଗୁ ଭାଷାରେ ମୁକ୍ତି ଲାଭ କରିବ।

## ରିଅଲ୍‌ମି ପକ୍ଷରୁ ଭାରତର ପ୍ରଥମ ୫ଜି ସ୍ମାର୍ଟଫୋନ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ବିଶ୍ୱର ଅଗ୍ରଣୀ ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ଏହାର ପ୍ରଥମ ୫ଜି ଫୋନ୍‌ର ଶୁଭାରମ୍ଭ କରିଛି, ଯାହାକି ଏହି ଫ୍ଲାଗସିପ ମଡେଲର ପ୍ରଥମ ବ୍ୟାଚ୍ ହୋଇଥିବା ବେଳେ କ୍ୱାଲ୍‌କମ୍ ସ୍ନାପଡ୍ରାଗନ ୮୬୫ ୫ଜି ମୋବାଇଲ ପ୍ଲାଟ୍‌ଫର୍ମ ଦ୍ୱାରା ପରିଚାଳିତ ଓ ଏନ୍‌ଏସ୍‌ଏ/ଏସ୍‌ଏ ୫ଜି ନେଟ୍‌ୱର୍କକୁ ସପୋର୍ଟ କରୁଛି। ଏଥିରେ ଥିବା ୬ ଷ୍ଟେଲାର କ୍ୟାମେରା ବିକଳ୍ପ, ୨୦ ଗୁଣ ଜୁମ୍ ସହ ୬୪ ମେଗାପିକ୍ସେଲ କ୍ୱାଡ୍ କ୍ୟାମେରା ଓ ଡୁଆଲ୍ ଇନ୍-ଡିସ୍‌ପ୍ଲେ ୱାଇଡ୍ ଆଙ୍ଗେଲ୍ ଲେନ୍ସ ସହିତ ଉପଭୋକ୍ତାମାନେ ସମ୍ପୂର୍ଣ୍ଣ ଓ ସ'ୋଷଜନକ ସୁଟିଙ୍ଗ୍ ଅଭିଜ୍ଞତା ପାଇବାକୁ ସକ୍ଷମ ହେବେ। ରିଅଲ୍‌ମି ଏକ୍ସ୫୦ ପ୍ରୋ ୫ଜିରେ ଯେକୌଣସି ସ୍ମାର୍ଟଫୋନ୍ ତୁଳନାରେ ସର୍ବାଧିକ ଶକ୍ତିଶାଳୀ ପ୍ରୋସେସର୍ ସ୍ନାପଡ୍ରାଗନ୍ ୮୬୫ ରହିଛି। ଏହି ଫୋନ୍ ଏକ ବିଶାଳ ୪୨୦୦ ଏମ୍‌ଏଏଚ୍ ବ୍ୟାଟେରୀ ସହ ବିଶ୍ୱର ଦ୍ରୁତତମ ଚାର୍ଜିଙ୍ଗ୍ ୬୫ୱାଟ୍ ସୁପରଡାର୍ଟର ମିଶ୍ରଣ ସର୍ବାଧିକ ଅନୁଭୂତି ପ୍ରଦାନ କରୁଛି। ରିଅଲ୍‌ମି ଏକ୍ସ୫୦ ପ୍ରୋଜ ୫ଜି ଦୁଇଟି ରଙ୍ଗରେ ଓ ୩ଟି ଭାରିଆଂଟ୍‌ରେ ଉପଲବ୍ଧ ହେଉଛି ଏବଂ ଏହାର ମୂଲ୍ୟ ୬ଜିବି+୧୨୮ଜିବି ଭାରିଆଂଟ୍ ପାଇଁ ୩୭,୯୯୯ ଟଙ୍କା, ୮ଜିବି+୧୨୮ଜିବି ପାଇଁ ୩୯,୯୯୯ ଟଙ୍କା। ଓ ୧୨ଜିବି+୨୫୬ଜିବି ପାଇଁ ୪୪,୯୯୯ ଟଙ୍କା ରହିଛି।

# ଓଡ଼ିଶାର ଗ୍ରହ ଶାନ୍ତି ପାଇଁ ୨୫ ହଜାର ଭକ୍ତ ୧୦୮ ହନୁମାନ ଚାଳିଶା ପାଠ କରିବେ

ଭୁବନେଶ୍ୱର: ଓଡ଼ିଶା ଇଣ୍ଟରନ୍ୟାସ୍‌ନାଲ୍ ସେଣ୍ଟର ପକ୍ଷରୁ ଓଡ଼ିଶାର ଗ୍ରହ ଶାନ୍ତି ପାଇଁ ୨୫ ହଜାର ହନୁମାନ ଭକ୍ତ ଆଗାମୀ ନଭେମ୍ବର ୨୭ ଠାରୁ ୧ ଡିସେମ୍ବର ପର୍ଯ୍ୟନ୍ତ ଜନତା ମଇଦାନ ଠାରେ ସାମୁହିକ ୧୦୮ ହନୁମାନ ଚାଳିଶା ପାଠ କରିବେ। ଗତକାଲି ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରରୁ ଶ୍ରୀ ଜଗନ୍ନାଥଙ୍କର ଆଜ୍ଞାମାଳ ଆମନ୍ତ୍ରଣ କରି ଅଣାଯାଇଅଛି। ପୁରୀ ଶ୍ରୀମନ୍ଦିରର ଛତିଶାନିଯୋଗ ନାୟକ ପାଟଯୋଶୀ ଜନାର୍ଦ୍ଦନ ମହାପାତ୍ର ଏହି ଆଜ୍ଞାମାଳକୁ ଭୁବନେଶ୍ୱରରୁ ଯାଇଥିବା ୧୦୮ଜଣ ହନୁମାନ ଭକ୍ତଙ୍କୁ ପ୍ରଦାନ କରିଥିଲେ। ଆଜି ଏହି ଆଜ୍ଞାମାଳ ଭୁବନେଶ୍ୱର ପହଞ୍ଚି ଜୟଦେବ ଭବନ ନିକଟ ଶ୍ରୀ ଜଗନ୍ନାଥ ହୁଣ୍ଡି ସାମ୍‌ନାରେ ସର୍ବସାଧାରଣ ଦର୍ଶନ ପାଇଁ ଅଣାଯିବ। ଏହି ହନୁମାନଚାଳିଶା ମହାଯଜ୍ଞରେ ଓଡ଼ିଶାର ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ଯଜ୍ଞସ୍ଥଳରେ ପାଞ୍ଚ ହଜାର ପୂର୍ଣ୍ଣକୁମ୍ଭ ବସାଯାଇ ଏକ ସାମୂହିକ ପ୍ରାର୍ଥନା କରାଯିବ। ୧୦୮ଟି ଯଜ୍ଞକୁଣ୍ଡରେ ପାଞ୍ଚଦିନ ବ୍ୟାପୀ ପରିବେଶ ସୁଧାର ପାଇଁ ଘୃତଯଜ୍ଞ ଅନୁଷ୍ଠିତ ହେବ। ଓଡ଼ିଶାର ସବୁ ପଞ୍ଚାୟତରୁ ଦୁଇଜଣ ଲେଖାଏଁ ସ୍ୱେଚ୍ଛାସେବୀଙ୍କର ଏକ ପୁସ୍ତିକା ଏହି ଅବସରରେ ପ୍ରକାଶ ପାଇବ। ଓଡ଼ିଶାର ପ୍ରମୁଖ ହନୁମାନ ମନ୍ଦିରର ଫଟୋ ଓ ଠିକଣା ଏକ ପୁସ୍ତିକା ଆକାରରେ ପ୍ରକାଶ ପାଇବ। ପ୍ରତିଦିନ ସନ୍ଧ୍ୟାରେ ଭାରତର ବିଶିଷ୍ଟ ସାଧୁସନ୍ଥମାନଙ୍କ ଦ୍ୱାରା ଦିବ୍ୟ ପ୍ରବଚନ ଆୟୋଜିତ ହେବ। ପ୍ରତ୍ୟହ ୧୦ ହଜାର ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବଣ୍ଟନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ ୫ହଜାର ଜଣିଆ ପରିଚାଳନା ସମିତି ଗଠନ କରାଯିବ। ଏହି ସମିତିର ସଦସ୍ୟମାନଙ୍କ ପରିବାର କଲ୍ୟାଣ ପାଇଁ ପ୍ରତ୍ୟେକ ଦିନ ହୋମରେ ଆହୂତି ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓଡ଼ିଶାବାସୀ ବହୁ ସଂଖ୍ୟାରେ ଯୋଗଦେବାପାଇଁ ଓଡ଼ିଶା ଇଣ୍ଟରନ୍ୟାସ୍‌ନାଲ୍ ସେଣ୍ଟରର ଅଧ୍ୟକ୍ଷ ପରେଶ ନାୟକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ନୟାପଲ୍ଲୀ ଦୁର୍ଗାପୂଜା କମିଟି ସଦସ୍ୟ ଶ୍ରୀ ସର୍ବେଶ୍ୱର ସାମଲ, ଓ.ଆଇ.ସି.ର ଉପାଧ୍ୟକ୍ଷ ଜୟପ୍ରକାଶ ମିଶ୍ର, ଉଦୟ କୁମାର ଶାନ୍ତି, ସତ୍ୟସୁନ୍ଦର ପଣ୍ଡା, ପ୍ରଶାନ୍ତ କୁମାର ମିଶ୍ର ଓ ଭାବଗ୍ରାହୀ ଶାନ୍ତି ପ୍ରମୁଖ ନିବେଦନ କରିଛନ୍ତି।



## ମା ତାରିଣୀ ଫୁଟବଲ ଟୁର୍ଣ୍ଣାମେଂଟ ଉଦଘାଟିତ, କେନ୍ଦୁଝର ଟିମ୍ ଫାଇନାଲରେ

କୋରେଇ: ପାଣିକୋଇଲି ମା ତାରିଣୀ ଫୁଟବଲ ଆସୋସିଏସନ ପକ୍ଷରୁ କଲେଜ ଖେଳ ପଡିଆରେ ତ୍ରିଦିବସୀୟ ୧୯ତମ ଫୁଟବଲ ଟୁର୍ଣ୍ଣାମେଂଟ ଆଜି ୨ୟ ଦିନରେ କେନ୍ଦୁଝର ବନାମ ଆଳି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଟିମ୍ ଟସ୍ ଜିତି ଖେଳ ଆରମ୍ଭ କରିଥିବା ବେଳେ ୪-୦ ଗୋଲରେ ଆଳିକୁ ହରାଇ କେନ୍ଦୁଝର ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ଏହି ଟୁର୍ଣ୍ଣାମେଂଟର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜସେବୀ ମଧୁସୂଦନ ସାହୁ, ରବିନାରାୟଣ ପଣ୍ଡା, ସୁରକ୍ଷା ମଂଚ ଆବାହକ ରଘୁନାଥ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଜିତେନ୍ଦ୍ର ପ୍ରସାଦ ବାରିକ, ମନୋରଂଜନ ବାରିକ ଓ ମାନସ କୁମାର ବିଶ୍ୱାଳ ମ୍ୟାଚ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ଆନନ୍ଦ କୁମାର ରଣା ଓ ଅଜୟ ଧଳ, ସ୍କୋରର ଭାବେ ଶ୍ରୀମନ୍ତ ରାୟ ଯୋଗଦାନ କରିଥିଲେ। ଅନୁଷ୍ଠାନର ସଭାପତି ଡା. ସୁରେଶ ପଣ୍ଡା, ସମ୍ପାଦକ ନରେନ୍ଦ୍ର ଦାସ, ଅବଦୁଲ ସୟଦ ଖାଁ, ଟିକନ ଦାସ, ବାରିଜ ନୟନ ଦାସ, ଜିତେନ୍ଦ୍ର ବେହେରା, ଆନନ୍ଦ ମହାକୁଡ, ବିରଂଚି ନାରାୟଣ ପରିଡା, ଜଗବନ୍ଧୁ କବି, ସୌଭାଗ୍ୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସଫଳ ଉଦ୍ୟୋଗୀ ହେବା ପାଇଁ ପ୍ରତିଦିନର ଉନ୍ନତି ଉପରେ ଧ୍ୟାନ ଦେବାକୁ ପଡ଼ିବ: ବିଶେଷଜ୍ଞ




ଭୁବନେଶ୍ୱର: ସଫଳ ଉଦ୍ୟୋଗୀ ହେବା ଯାତ୍ରାରେ ଧ୍ୟାନ ଏବଂ ଶୃଙ୍ଖଳାର ଗୁରୁତ୍ୱ ବିଷୟରେ ନାଚୁରାଲ ସେଲୁନ ଶୃଙ୍ଖଳାର ପତିଷ୍ଠାତା ସି କେ କୁମାରଭେଲ ଗୁରୁତ୍ୱାରୋପ କରିଛନ୍ତି। ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି)ର ମହିଳା ଉଦ୍ୟୋଗୀ କମିଟି ତରଫରୁ ଆଜି ହୋଟେଲ୍ ପାଲ୍ ହାଇଟସ୍‌ରେ ଆୟୋଜନ କରାଯାଇଥିବା 'କର୍ମ-ଜୀବନ ସନ୍ତୁଳନ' ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀଯୁକ୍ତ କୁମାରଭେଲ କହିଛନ୍ତି ଯେ, ସମସ୍ତ ସଫଳ ଉଦ୍ୟୋଗୀଙ୍କ ଠାରେ ଗୋଟିଏ ସାଧାରଣ କଥା ଦେଖିବାକୁ ମିଳେ। ତାହା ହେଉଛି ଏକ ନିର୍ଦ୍ଦିଷ୍ଟ ବିଷୟ କିମ୍ବା ଲକ୍ଷ୍ୟ ଉପରେ ଗୁରୁତ୍ୱ କିମ୍ବା ଧ୍ୟାନ। ସେମାନେ ପ୍ରତିଦିନ କିଛି ନା କିଛି ଉନ୍ନତି ଆଣିବା ଲାଗି ଉଦ୍ୟମ କରନ୍ତି। ଯେତେବେଳେ ସାରା ବର୍ଷର ୩୬୫ ଦିନରେ ହୋଇଥିବା ଉନ୍ନତି ମିଶିଯାଏ ସେତେବେଳେ ତାହା ବହୁତ ବଡ଼ କଥା ହୋଇଯାଏ। ତେଣୁ ଯେଉଁମାନେ ଉଦ୍ୟୋଗୀ ହେବାକୁ ଚାହୁଛନ୍ତି ସେମାନଙ୍କୁ ପ୍ରଥମେ ସବୁ କିଛିକୁ ହଁ କହିବା ଲାଗି ଶିଖିବାକୁ ପଡ଼ିବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ଦୁଇଟି କଥା ଜଣଙ୍କ ବିଚାରଧାରାକୁ ମାର୍ଗଦର୍ଶନ କରିଥାଏ। ତାହା ହେଉଛି ହଁ କିମ୍ବା ନାଁ କହିବାର ଶୃଙ୍ଖଳା। ଯେତେବେଳେ ଜଣେ ଉଦୀୟମାନ ଉଦ୍ୟୋଗୀ କୌଣସି ବିଷୟକୁ ନାହିଁ ଭାବେ ଗ୍ରହଣ କରନ୍ତି ସେହି ଠାରେ ସେ ୯୯% ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇଯାଆନ୍ତି। ଦୁଇଟି ଠେକୁଆ ପଛରେ ଦୌଡ଼ିଲେ ଗୋଟିଏ ବି ମିଳିବନି। ଠେକୁଆ ପଛରେ ଦୌଡ଼ିବା ବଦଳରେ କେଉଁ ପଦ୍ଧତି ଓ ପ୍ରକ୍ରିୟା ଏହା ପଛରେ କାମ ଦେଉଛି ତାହାକୁ ଜାଣିଲେ ଅଧିକ ସଫଳତା ମିଳିବ। ସେହି ପ୍ରକ୍ରିୟାକୁ ଜାଣିବା ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।ନିଜ ଅଭିଭାଷଣରେ ସେ ମହାତ୍ମା ଗାନ୍ଧୀ, ଏପିଜେ ଅବଦୁଲ କାଲାମ ଓ ସଚିନ ତେନ୍ଦୁଲକରଙ୍କ ବିଚାରଧାରା ବିଷୟରେ ଆଲୋଚନା କରିଥିଲେ। ସେମାନେ କିଭଳି ନିଜ ଲକ୍ଷ୍ୟ ଉପରେ ସର୍ବଦା ଦୃଷ୍ଟି ନିବଦ୍ଧ କରି ରଖୁଥିଲେ ଏବଂ ଲକ୍ଷ୍ୟ ପଥରେ ପହଂଚିବା ଲାଗି ପ୍ରତିଦିନ ଉଦ୍ୟମ କରୁଥିଲେ ସେ ବିଷୟରେ ସେ ବର୍ଣ୍ଣନା କରିଥିଲେ।କର୍ମମୟ ଜୀବନରେ ପ୍ରବେଶ କରିଥିବା ମହିଳା କିମ୍ବା ମହିଳା ଉଦ୍ୟୋଗୀମାନେ କିଭଳି ସୁସ୍ଥକର କର୍ମମୟ ଜୀବନ ଏବଂ ପାରିବାରିକ ଜୀବନ ଭିତରେ ସନ୍ତୁଳନ ରକ୍ଷା କରିବା ଲାଗି ପ୍ରୟାସ କରିଥାନ୍ତି ସେ ବିଷୟରେ ଏହି ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ସବୁ ବର୍ଗଙ୍କୁ ଖୁସି କରି ରଖିବା ଲାଗି କର୍ମଜୀବୀ ମହିଳାମାନେ କିଭଳି କଷ୍ଟ ସ୍ୱୀକାର କରନ୍ତି ତାହାକୁ ଏଥିରେ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ସହ ଅଧ୍ୟକ୍ଷ ଜେ ବି ପାଣି କହିଛନ୍ତି ଯେ, କର୍ମଜୀବୀ ମହିଳାମାନେ ନିଜକୁ ବିଭିନ୍ନ ପ୍ରକାର ଭୂମିକାରେ ଅବତୀର୍ଣ୍ଣ କରିଥାନ୍ତି। ଗୋଟିଏ ଭୂମିକାରୁ ଅନ୍ୟ ଭୂମିକାକୁ ସେମାନେ ବାରମ୍ବାର ରୂପାନ୍ତରିତ ହୋଇଥାନ୍ତି। ପ୍ରତି ଭୂମିକାରେ ତାଙ୍କ ପାଇଁ ଭିନ୍ନ ପ୍ରକାର ଆହ୍ୱାନ ଓ ଚାପ ରହିଥାଏ। ସବୁ ସ୍ତରରେ ସେମାନେ ନିଜ ପାଇଁ ସନ୍ତୁଳନ ଖୋଜିବା ଲାଗି ପ୍ରୟାସ କରନ୍ତି। ତେଣୁ କର୍ମଜୀବୀ ମହିଳାଙ୍କ ପାଇଁ ବାସ୍ତବ ସନ୍ତୁଳନ ବୋଲି କିଛି ନାହିଁ ବୋଲି ସେ କହିଛନ୍ତି। ପରିସ୍ଥିତି ଅନୁସାରେ ସେମାନଙ୍କୁ ଯାହା ଠିକ୍ ସେହି ନିଷ୍ପତି ନେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଏହି ଅବସରରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ମୁଖ୍ୟ ଜେ ପି ପାଲ, ଆଇଡବ୍ଲୁଇସିର ସଂଯୋଜିକା ସୁକୀର୍ତି ପଟ୍ଟନାୟକ ଓ ସହ-ଅଧ୍ୟକ୍ଷା ଚିଦତ୍ମିକା ଖଟୁଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାଜେଶ କୁମାରଙ୍କୁ ଟ୍ରାନ୍ସୟୁନିଅନ ସିବିଲର ନୂଆ ଏମଡି ଓ ସିଇଓ ନିଯୁକ୍ତି

ଭୁବନେଶ୍ୱର: ଟ୍ରାନ୍ସୟୁନିଅନ ସିବିଲ ପକ୍ଷରୁ ରାଜେଶ କୁମାରଙ୍କୁ କଂପାନିର ନୂଆ ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଏବେ କଂପାନିର ଏସିଆ ଅଂଚଳର ସଭାପତି ଭାବେ ନିଯୁକ୍ତି ପାଇଥିବା ସତୀଶ ପିଲାଇଙ୍କ ସ୍ଥାନରେ ସେ କାର୍ଯ୍ୟ କରିବେ ଏବଂ ଭାରତ, ହଂକଂ ଓ ଫିଲିପାଇନ୍ସରେ କଂପାନିର ଦେଖାଶୁଣା କରିବେ। ଟ୍ରାନ୍ସୟୁନିଅନ ସିବିଲରେ ନିଯୁକ୍ତି ପାଇବା ପୂର୍ବରୁ ଶ୍ରୀଯୁକ୍ତ କୁମାର ଏଚଡିଏଫସି ବ୍ୟାଙ୍କର ରିଟେଲ କ୍ରେଡିଟ ଆଣ୍ଡ ରିସ୍କ ବିଭାଗର ଗ୍ରୁପ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ ଯେଉଁଠାରେ ସେ କଂପାନିର ଖୁଚୁରା ଋଣ ପୋର୍ଟଫୋଲିଓକୁ ଆଗକୁ ବାଢାଇବା ଦାୟିତ୍ୱରେ ରହିଥିଲେ। ଏଚଡିଏଫସିରେ ଦୀର୍ଘ ଦୁଇ ଦଶନ୍ଧୀର ଅଭିଜ୍ଞତା ଥିବା ରାଜେଶ ବ୍ୟାଙ୍କର ଖୁଚୁରା ଋଣ ପରିମାଣରକୁ ୫୦ ବିଲିଅନ ଡଲାରରେ ପହଂଚଇ ପାରିଥିଲେ। ସେ ୩୫୦୦ ବ୍ୟାଙ୍କ ଅଧିକାରୀଙ୍କ ଟିମକୁ ପରିଚଳନା କରୁଥିଲେ।ରାଜେଶଙ୍କ ନିଯୁକ୍ତି ସଂପର୍କରେ ଟ୍ରାନ୍ସୟୁନିଅନର ଏସିଆ ଅଂଚଳର ସଭାପତି ଶ୍ରୀଯୁକ୍ତ ସତୀଶ ପିଲାଇ କହିଛନ୍ତି ଯେ, 'ବିଶ୍ୱାସ ବଢ଼ାଇବା, ଋଣରେ ସଂପ୍ରସାରଣ କରିବା ଏବଂ ଶ୍ରେଷ୍ଠ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଲାଗି ଭାରତୀୟ ଆର୍ଥିକ ଶିଳ୍ପକୁ ଟ୍ରାନ୍ସୟୁନିଅନ ସିବିଲ ସହାୟତା ପ୍ରଦାନ କରୁଥିବା ବେଳେ ରାଜେଶ କୁମାର ଏହି କାରବାର ପାଇଁ ଶ୍ରେଷ୍ଠ ନେତୃତ୍ୱ ଏବଂ ଅଭିଜ୍ଞତା ଆଣିବେ। ତାଙ୍କର ଗଭୀର ଅଭିଜ୍ଞତା ଲାଗି ଏଚଡିଏଫସି ବ୍ୟାଙ୍କର ଖୁଚୁରା ଋଣ ବ୍ୟବସାୟ ଭାରତର ଅନ୍ୟତମ ସଫଳ ବ୍ୟବସାୟରେ ପରିଣତ ହୋଇଥିଲା। ରାଜେଶଙ୍କ ଗଭୀର ଅଭିଜ୍ଞତାରୁ ଆମ କ୍ଲାଏଂଟମାନେ ଲାଭବାନ ହେବେ ଏବଂ ଆମର ଋଣ ସୂଚନା ଭିତିଭୂମି, ଗଭୀର ଜ୍ଞାନ, ଉତ୍ପାଦ ଓ ସମାଧାନ ଜରିଆରେ ସମସ୍ତେ ଉପକୃତ ହେବେ।''ଭାରତୀୟ ଆର୍ଥିକ କ୍ଷେତ୍ର ଏବେ ବହୁତ ଭଲ ସମୟ ଦେଇ ଗତି କରୁଛି। ଟ୍ରାନ୍ସୟୁନିଅନ ସିବିଲର ଅଭିବୃଦ୍ଧିକୁ ପରବର୍ତ୍ତି ସ୍ତରରେ ପହଂଚଇବା ଲାଗି ମୁଁ ଚାହିଁରହିଛି ବୋଲି ଶ୍ରୀଯୁକ୍ତ ରାଜେଶ କହିଛନ୍ତି।

# ସମସ୍ତ ଘାତପ୍ରତିଘାତକୁ ଅତିକ୍ରମ କରି ସୁଇମିଙ୍ଗରେ ରୌପ୍ୟ ହାସଲ କଲେ ରିଦ୍ଧି

ଭୁବନେଶ୍ୱର: ରିଦ୍ଧି ବୋହ୍‌ରା ନିଶ୍ଚିତ ଭାବେ କହିପାରିବେ ଯେ ସେ ଦୁଇଜଣ ନିଷ୍ଠାବାନ ଏବଂ ପ୍ରତିଦ୍ୱନ୍ଦୀ ଭଉଣୀଙ୍କ ମଧ୍ୟରେ ଆସିଛନ୍ତି। ସୋମବାର ବିଳମ୍ବିତ ସଂନ୍ଧ୍ୟାରେ ଯେତେବେଳେ ସେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ୨୦୨୦ର ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ରୌପ୍ୟ ପଦକ ପାଇଁ ଉପରକୁ ଚଢ଼ିଲେ ସେ ନିଜକୁ ଦୁଇ ଯାଆଁଳା ପ୍ରତିଦ୍ୱନ୍ଦୀ, ଜ୍ୟୋତି ପାଟିଲ (ସ୍ୱର୍ଣ୍ଣ) ଏବଂ ଆରତି ପାଟିଲ (ବ୍ରୋ)ଙ୍କ ମଧ୍ୟରେ ପାଇଥିଲେ। ବେଙ୍ଗାଲୁରୁସ୍ଥିତ କ୍ରିଷ୍ଟ କଲେଜର ବିବିଏ ଛାତ୍ରୀ ରିଦ୍ଧିଙ୍କ ଜୀବନରେ ଆଘାତ ଏକ ସହଚର ଭାବେ ରହିଆସିଛି ଏବଂ ଅନେକ ଆଘାତ ସତ୍ତ୍ୱେ ମଧ୍ୟ ସେ ଏକାଧିକ ରାଜ୍ୟ ଏବଂ ଜାତୀୟ ସ୍ତରୀୟ ପଦକ ହାସଲ କରିଛନ୍ତି। ପଦକ ଜିତିବା ପରେ ସେ ପ୍ରକାଶ କରିଛନ୍ତି ଯେ ''ତିନିବର୍ଷ ମଧ୍ୟରେ ଏହା ମୋର ପ୍ରଥମ ପଦକ।'' ଏସବୁ ଆଘାତ ସତ୍ତ୍ୱେ ସେ ଥରେ ମଧ୍ୟ ହାର ମାନିନାହାଁନ୍ତି। ତାଙ୍କୁ ଦୀର୍ଘ ସମୟ ପାଇଁ ନିଜର କାନ୍ଧ ଆଘାତର ଯନ୍ତ୍ରଣା ମଧ୍ୟ ଦେଇ ଗତି କରିବାକୁ ପଡ଼ିଥିଲା, କି'ୁ ଏଥିରେ କୌଣସି ବଡ଼କଥା ନୁହେଁ ବୋଲି ସେ ନିଜେ ନିଜକୁ ଆଶ୍ୱାସନା ଦେଉଥିଲେ। ''ମୁଁ ସବୁବେଳେ ଆଗକୁ ବଢ଼ୁଥିବି। ମୁଁ ନିଶ୍ଚିତ ରୂପେ କହିବାକୁ ଚାହୁଁଛି ଯେ ମୋ ଆଘାତ କାରଣରୁ ନୀକଟ ଅତୀତରେ ମୁଁ ଅଳ୍ପକେତେକ ପଦକକୁ ହାତଛଡ଼ା କରିଦେଇଥିଲି।'' ବୋଲି ସେ କହିଛନ୍ତି। ତାଙ୍କ ମା ସୁଇମିଙ୍ଗ(ସ'ରଣ) ରେ ତାଙ୍କୁ ନିପୁଣ କରାଇଥିଲେ, ଏହା ମୁଖ୍ୟତଃ ଏଥିପାଇଁ ଯାହାଦ୍ୱାରା ସେ ଜୀବନର କୌଶଳ ଶିଖିପାରିବେ। କି'ୁ ସେ ଏଭଳି ଜଣେ ଯୋଦ୍ଧା ଥିଲେ ଯେ ସେ ତାକୁ ଏକ ଜୀବିକା ବିକଳ୍ପ ରୂପେ ଗ୍ରହଣ କରିନେଲେ ଏବଂ ପୁଲ ତାଙ୍କ ପାଇଁ ବିଜୟର ମାର୍ଗରେ ପରିଣତ ହୋଇଥିଲା। ଦୈବାତକ୍ରମେ ରିଦ୍ଧିଙ୍କ ଭାଇ, କଳ୍ପ ଗତମାସ ଗୁହାହାଟି ଠାରେ ଆୟୋଜିତ ହୋଇଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ୨୦୨୦ରେ ପଦକଧାରୀ ମାନଙ୍କ ମଧ୍ୟରୁ ଜଣେ ଥିଲେ। ସେ ନିଜ ଭାଇଙ୍କ ପ୍ରଦର୍ଶନରୁ ହିଁ ପ୍ରେରଣା ପାଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ତାଙ୍କର ଏହି ଦୃଢ଼ ମନୋବଳ ତାଙ୍କୁ ଭୁବନେଶ୍ୱରରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ୨୦୨୦ରେ ରୌପ୍ୟ ଜିତାଇପାରିଛି।

# ମହିଳାଙ୍କୁ ଅପହରଣ ଓ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ : ୫ ଗିରଫ

ଆନନ୍ଦପୁର:କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ଶାଳପଡା ବସଷ୍ଟପ୍ ନିକଟରୁ ରବିବାର ସଂଧ୍ୟା ସମୟରେ ଜଣେ ମହିଳାଙ୍କୁ ଅପହରଣ ଓ ଦୁଷ୍କର୍ମ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଘସିପୁରା ପୋଲିସ ଏକ ମାମଲା ରୁଜୁ କରି ୫ ଜଣଙ୍କୁ ଗିରଫ କରିବା ସହିତ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରିଛି। ଅପହୃତା ମହିଳା ଜଣକ ଯାଜପୁର ଅଂଚଳର ହୋଇଥିବା ବେଳେ ସେ ଆନନ୍ଦପୁରସ୍ଥିତ ନିଜର ସମ୍ପର୍କୀୟଙ୍କ ଘରୁ ରବିବାର ସଂଧ୍ୟା ସମୟରେ ନିଜ ଘରକୁ ଫେରିବା ପାଇଁ ଶାଳପଡା ଠାରେ ଥିବା ବସଷ୍ଟପ୍ ନିକଟରେ ଛିଡା ହୋଇଥିବାବେଳେ ୫ ଜଣ ଯୁବକ ତାଙ୍କୁ ଘରେ ଛାଡିଦେବା କଥା କହି ଅପହରଣ କରି ସ୍ଥାନୀୟ ଜଳସମ୍ପଦ ବିଭାଗର ଜନୈକ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସରକାରୀ କ୍ୱାର୍ଟରକୁ ନେଇଯାଇଥିଲେ। ସେଠାରେ ମହିଳାଙ୍କ ସହ ଦୁଷ୍କର୍ମ ଉଦ୍ୟମ ହୋଇଥିବା ଏବଂ ତାଙ୍କୁ ମାଡ ମରାଯାଇଥିବା ଘସିପୁରା ଥାନାରେ ମହିଳା ଜଣକ ଲିଖିତ ଅଭିଯୋଗ କରିଛନ୍ତି। ଅପହରଣର ଶିକାର ହୋଇଥିବା ମହିଳାଙ୍କ ସମ୍ପର୍କରେ କୌଣସି ସୂତ୍ରରୁ ପୋଲିସ ସୂଚନା ପାଇ ରବିବାର ରାତି ପ୍ରାୟ ୧୨ ଟା ସମୟରେ ସଂପୃକ୍ତ ମହିଳାଙ୍କୁ ଉଦ୍ଧାର କରିବା ସହିତ ୫ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com, paryabekhyak2020@rediffmail.com

ସମ୍ପାଦକ:ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray